ସକାଳ THE SAKALA



# ହାତୀ ଭୟ; ଗାଁ ମୁଣ୍ଡରେ ଗେଟ୍

- ସନ୍ଧ୍ୟାରେ ଗାଁ ଭିତରକୁ ପ୍ରବେଶ ନିଷେଧ
- ନିଜେ ଟଙ୍କା ଖର୍ଚ୍ଚକରି ତାରବାଡ଼ ବୁଲାଇଛନ୍ତି





**ଅନୁଗୋଳ, ୩।୩(ସମିସ)**

ସନ୍ଧ୍ୟା ୭ଟା ପରେ କୌଣସି ବାହାର ଲୋକଙ୍କୁ ଗାଁ ଭିତରକୁ ପ୍ରବେଶ ନିଷେଧ। ହଠାତ ଗାଁ ଭିତରକୁ ପ୍ରବେଶ କଲାବେଳେ ଏକ ବାଉଁଶ ଫାଟକରେ ଏଭଳି ଲେଖା ହୋଇଥିବା ବୋର୍ଡ ଦେଖି ଆମେ ଅଟକି ଯାଇଥିଲୁ। କାରଣ ଜାଣିବାକୁ ଗାଁ ଭିତରକୁ ଯାଇ ଲୋକଙ୍କ ସହ କଥା ହେବାପରେ ଜଣାପଡ଼ିଥିଲା ପ୍ରକୃତ ରହସ୍ୟ। ଅନୁଗୋଳ ଜିଲ୍ଲାର ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ପୁରୁଣାକୋଟ ରେଞ୍ଜ ଅନ୍ତର୍ଗତ କୁଲାଙ୍ଗୀ ଗାଁ। ଚାରିଆଡେ ଘଞ୍ଚ ଜଙ୍ଗଲ ଓ ପାହାଡ଼। ମଝିରେ ଗାଁଟି ଅବସ୍ଥିତ। ଗାଁରେ ପ୍ରାୟ ୨ଶହରୁ ଅଧିକ ପରିବାର ବସବାସ କରନ୍ତି। କେବଳ ଚାଷବାସ ହିଁ ସେମାନଙ୍କର ମୁଖ୍ୟ ଜୀବିକା। ହେଲେ ହାତୀପଲ ଫସଲର ପ୍ରଧାନ ଶତ୍ରୁ ପାଲଟିଛନ୍ତି। ଦିନରାତି ହାତୀ ପଲ ଗାଁ ନିକଟରେ ବୁଲିବା ସହ ବ୍ୟାପକ ଫସଲ ନଷ୍ଟ କରନ୍ତି। ସନ୍ଧ୍ୟା ହେଲେ ଗାଁ ଭିତରେ ପଶୁଛନ୍ତି। ତେଣୁ ଲୋକେ ଭୟ ଓ ଆତଙ୍କରେ ରହୁଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ବନ ବିଭାଗକୁ ଅଭିଯୋଗ କରିବା ପରେ ବନ ବିଭାଗ ଗାଁ ଚାରିପଟେ ସୋଲାର ତାର ବାଡ଼ ଲଗାଇଛି। ହେଲେ ଯେତିକି ତାରବାଡ଼ ଲଗା ଯାଇଛି ତାହା ଯଥେଷ୍ଟ ହେଉ ନାହିଁ। ଏହାଛଡା ଆବଶ୍ୟକଠାରୁ କମ ବ୍ୟାଟେରୀ ଲଗା ଯାଇଥିବାରୁ ହାତୀ ପାଇଁ କୌଣସି ଅସୁବିଧା ହେଉ ନାହିଁ। ତେଣୁ ସୋଲାର ତାରବାଡ଼ ଲଗାଯିବା ପରେ ମଧ୍ୟ ଲୋକେ ସୁଫଳ ପାଇପାରୁ ନାହାନ୍ତି। ଏହା ପରେ ଗ୍ରାମବାସୀ ନିଜେ ଏକାଠି ହୋଇ ପରିଶ୍ରମ କରି ସୋଲାର ତାରବାଡ଼ ଲଗାଇଛନ୍ତି। ଗାଁରୁ ଚାନ୍ଦା ସଂଗ୍ରହ କରି ନିଜ ପାଣ୍ଠିରୁ ପ୍ରାୟ ୫ଲକ୍ଷ ଟଙ୍କା ଖର୍ଚ୍ଚ କରି ପୁଣି ଥରେ ସୋଲାର ତାରବାଡ଼ ଲଗାଇଛନ୍ତି। ଫଳରେ ଏବେ କିଛି ଦିନ ହେଲା ଗାଁ ଭିତରକୁ ହାତୀ ପଶି ପାରୁ ନାହାନ୍ତି। କିନ୍ତୁ ଗାଁକୁ ପ୍ରବେଶ ରାସ୍ତାରେ ଗ୍ରାମବାସୀ ନିଜେ ଏକ ଫାଟକ ତିଆରି କରିଛନ୍ତି। ସେହି ଫାଟକ ଖୋଲା ରହିଲେ ହାତୀ ଫାଟକ ଦେଇ ଗାଁ ଭିତରକୁ ପଶି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ତେଣୁ ଗ୍ରାମବାସୀ ସନ୍ଧ୍ୟା ହେଲେ ଫାଟକ ବନ୍ଦ କରି ତାଲା ପକାଇ ଦେଉଛନ୍ତି। ଗାଁକୁ ସନ୍ଧ୍ୟା ପୂର୍ବରୁ କୌଣସି ଅତିଥି ଆସିଲେ ପୂର୍ବରୁ ଲୋକଙ୍କୁ ସୂଚନା ଦେବାକୁ ପଡେ। ଫଳରେ ନିର୍ଦ୍ଧାରିତ ସମୟରେ ଗାଁର କିଛି ଲୋକ ଫାଟକ ପାଖକୁ ଆସନ୍ତି। ଫାଟକ ତାଲା ଖୋଲି ସେମାନଙ୍କୁ ସୁରକ୍ଷିତ ଭାବେ ଗାଁ ଭିତରକୁ ନିଅନ୍ତି। ଏହାଛଡା ଗାଁରେ ଯଦି କୌଣସି ଗୁରୁତର ରୋଗୀଙ୍କୁ ବାହାରକୁ ନେବାକୁ ହୁଏ ତେବେ ଲୋକେ ଦଳ ଦଳ ହୋଇ ରୋଗୀ ସହିତ ଆସନ୍ତି। ଫାଟକ ଖୋଲି ରୋଗୀଙ୍କୁ ରାସ୍ତା ପାର କରାନ୍ତି। ଏଭଳି ଚାଲିଛି ଗାଁର ନିୟମ। ଏବଂ ସେହି ନିୟମକୁ ମାନି ମାସ ମାସ ଧରି ଚାଲୁଛନ୍ତି ଲୋକେ। ଜଙ୍ଗଲ ଭିତରେ ଜଙ୍ଗଲୀ ଜୀବନ ବିତାଉଥିବା ଗ୍ରାମବାସୀଙ୍କ ଏଭଳି ନିଆରା ପ୍ରୟାସ ବଣୁଆ ହାତୀ ଦାଉରୁ ବହୁ ଲୋକଙ୍କ ଜୀବନ ବଞ୍ଚି ଯାଉଛି। ଫସଲ ସୁରକ୍ଷିତ ରହି ପାରୁଛି। ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ବଣୁଆ ହାତୀ ଓ ଅନ୍ୟ ଜଙ୍ଗଲୀ ଜନ୍ତୁ ପ୍ରାଦୁର୍ଭାବ ନୀତିଦିନିଆ ଘଟଣା। ସେମାନଙ୍କୁ ନିୟନ୍ତ୍ରଣ କରିବା ଏତେ ସହଜ ନୁହେଁ। କିନ୍ତୁ କୁଲାଙ୍ଗୀ ଗ୍ରାମବାସୀ ବନ ବିଭାଗ ଉପରେ ସମ୍ପୂର୍ଣ୍ଣ ନିର୍ଭର ନକରି ନିଜେ ନିଜକୁ ସୁରକ୍ଷିତ ରଖିବା ପାଇଁ ଯେଉଁ ପ୍ରୟାସ କରିଛନ୍ତି ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ।

## ଯୁବ ଚାଷୀଙ୍କ ଆତ୍ମହତ୍ୟା

**ଛେଣ୍ଡିପଦା, ୩।୩(ସମିସ):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ସାପୋଇସାହିରେ ଜଣେ ଯୁବ ଚାଷୀ ଆତ୍ମହତ୍ୟା କରିଛନ୍ତି। ଋଣ ସୁଝିନପାରି ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଛେଣ୍ଡିପଦା ସାପୋଇସାହିର ସ୍ୱର୍ଗତ ବୈକୁଣ୍ଠ ପ୍ରଧାନଙ୍କର ପୁଅ ତ୍ରିନାଥ ପ୍ରଧାନ(୪୧) ବିଭିନ୍ନ ପ୍ରକାରର ଋଣ ସହ କୃଷି ବିଭାଗରୁ ପାୱାର ଟିଲର ସହ କୃଷିଋଣ କରିଥିଲେ। କୃଷି କାର୍ଯ୍ୟରେ ତାଙ୍କର ବହୁ କ୍ଷତି ହୋଇଥିଲା। ବାରମ୍ବାର ତାଙ୍କୁ ଋଣ ପରିଶୋଧ ପାଇଁ ଚାପ ପଡୁଥିଲା। ଏନେଇ ପରିବାରରେ ମଧ୍ୟ ଅଶାନ୍ତି ଲାଗି ରହୁଥିଲା। ତେଣୁ ତ୍ରିନାଥ ଦିନ ୧୧ଟାରେ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ବଡବାପା ବୃନ୍ଦାବନ ପ୍ରଧାନ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମେଡିକାଲରୁ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇଥିଲା। ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

## ତାଳଚେର ନିର୍ବାଚନମଣ୍ଡଳୀରେ ବିଜେଡିର ଧନ୍ୟବାଦ ସଭା



**ତାଳଚେରସଦର, ୩।୩(ସମିସ):** ଆଗକୁ ସାରା ଦେଶରେ ଅନୁଷ୍ଠିତ ହେବ ସାଧାରଣ ନିର୍ବାଚନ। ଏହାକୁ ନେଇ ବିଭିନ୍ନ ରାଜ୍ୟ ସରକାର ବହୁ ଯୋଜନା ଘୋଷଣା କରୁଛନ୍ତି। ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଓଡ଼ିଶା ସରକାର ମଧ ଅର୍ଥ ମଞ୍ଜୁର କରିଛନ୍ତି। ଗରିବଙ୍କ ପାଇଁ ବିଭିନ୍ନ ଯୋଜନା, ଛାତ୍ର ଛାତ୍ରୀଙ୍କ ପାଇଁ ଛାତ୍ର ବୃତ୍ତି, ଭତ୍ତାର ପରିମାଣ ବୃଦ୍ଧି, ଅଙ୍ଗନବାଡି କର୍ମୀଙ୍କ ଦରମା ବୃଦ୍ଧି, ଏସ୍‌ଏସ୍‌ଜି ମହିଳାଙ୍କୁ ଅଧିକ ସୁଯୋଗ ପ୍ରଦାନ, ଖାଉଟୀ କାର୍ଡଧାରୀଙ୍କୁ ମହଙ୍ଗା ଭତ୍ତା ଏକ ହଜାର ଟଙ୍କା ଓ ବ୍ୟାଗ ଏହିପରି ସବୁ ବର୍ଗକୁ ସହଯୋଗର ହାତ ବଢ଼ାଇବା ସହ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିବା ଯୋଗୁ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ୟମକୁ ପ୍ରଶଂଶା କରିବା ସହିତ ଏଥିପାଇଁ ଧନ୍ୟବାଦ ସଭା କରାଯାଉଛି। ତାଳଚେର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ଯୁବ ଓ ଛାତ୍ର ଜନତା ଦଳର ମହାସମାବେଶ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ମନ୍ଦିରଠାରୁ ସାଇ ମନ୍ଦିର ରାସ୍ତା ଦେଇ ତାଳଚେର ପ୍ରଜାମଣ୍ଡଳ ଭବନ ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ତାଳଚେର ପୌରପରିଷଦର ନଗରପାଳ ପବିତ୍ର ଭୂତିଆ, ଯୁବଛାତ୍ର ସଭାପତି ଓ କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି, ଦଳୀୟ କର୍ମୀ ଯୋଗ ଦେଇଥିଲେ। ଆୟୋଜିତ ଧନ୍ୟବାଦ ସଭାରେ ଯୋଗଦେଇ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦେଇ ରାଜ୍ୟସରକାରଙ୍କୁ ଧନ୍ୟବାଦ ଦେଇଥିଲେ।

## 'ଆମ ସଂସ୍କୃତି ଓ ଆମ ଖେଳନା' କର୍ମଶାଳା



**ଅନୁଗୋଳ, ୩।୩(ସମିସ):** ତାଳଚେର ବ୍ଲକ କଳମଛୁଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆମ ସଂସ୍କୃତି ଓ ଆମ ଖେଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଳମଛୁଇଁ ସାଧନକେନ୍ଦ୍ର ସଂଯୋଜିକା ପ୍ରତିମା ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦୁଇ ଦିନିଆ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଉପଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବାକର ସାହୁ, ମୁଖ୍ୟବକ୍ତା ଭାବରେ ବନବାସପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଜ୍ୟୋତିଷ ଏବଂ ସମ୍ମାନୀତ ଅତିଥି ଭାବରେ ଗୋବରା କ୍ଲଷ୍ଟର ସାଧନକେନ୍ଦ୍ର ସଂଯୋଜକ ଅମୀୟ ଶଙ୍କର ଦାସ ଓ ମଝିକା ନରହରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହେମଲତା ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରକାର ଖେଳନା ମାଧ୍ୟମରେ ଶିକ୍ଷାଦାନ କରାଗଲେ ଶିଶୁର ମାନସିକ ଓ ବୌଦ୍ଧିକ ବିକାଶ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଦୁଇଦିନିଆ କର୍ମଶାଳାରେ କଳମଛୁଇଁ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରି ବିଭିନ୍ନ ପ୍ରକାରର ଖେଳନା ପ୍ରସ୍ତୁତ କରିଥିଲେ। ଶେଷରେ କଳମଛୁଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟପ୍ରାଣୀ ସୁରକ୍ଷା ମାନବ ସମାଜ ପାଇଁ ଚରମ ଆହ୍ୱାନ




**ଅନୁଗୋଳ, ୩।୩(ସମିସ):** ଜନସଂଖ୍ୟା ବିସ୍ଫୋରଣ ଏବଂ ନବେ ଦଶକର ଦ୍ରୁତ ଶିଳ୍ପାୟନ ଯୋଗୁ ଜଙ୍ଗଲ ମାତ୍ରାଧିକ ଧ୍ୱଂସ ହେବା ସହ ଏକ ଚାପ ପରିଲକ୍ଷିତ ହେଉଛି। ଜଙ୍ଗଲ ନଷ୍ଟ ହେବା ଫଳରେ ବାସସ୍ଥାନ ହରାଇ ଏବଂ ଖାଦ୍ୟର ଘୋର ଅଭାବ ଯୋଗୁଁ ବନ୍ୟପ୍ରାଣୀ ଏବେ ଗାଁ ଓ ସହର ମୁହାଁ ହେଉଛନ୍ତି। ଉଭୟ ପକ୍ଷ ମଧ୍ୟରେ ଲଢେଇ ପରେ କେତେବେଳେ ମଣିଷ ତ କେତେବେଳେ ବନ୍ୟପ୍ରାଣୀଙ୍କ ଜୀବନ ଯାଉଛି। ମଣିଷ - ବନ୍ୟପ୍ରାଣୀ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବସତି ସ୍ଥାପନ ଓ ସେମାନଙ୍କର ସୁରକ୍ଷା ଜୀବଜଗତ ପାଇଁ ଏକାନ୍ତ ଆବଶ୍ୟକ ବୋଲି ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ ଅବସରରେ ଏକ ସଚେତନତା ସଭାରେ ଅତିଥିମାନେ କହିଛନ୍ତି। ବଡକେରା ଜୈବ ବିବିଧତା ପରିଚାଳନା ସମିତି ଓ ସାମାଜିକ ଅନୁଷ୍ଠାନ ନିୟୁଜର ମିଳିତ ଉଦ୍ୟମରେ ଗୁରଙ୍ଗ ଗ୍ରାମ ଠାରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ପରିବେଶ କର୍ମୀ ଅରୁଣ ନାଏକ ଅଧ୍ୟକ୍ଷତା କରିଥିବା ବେଳେ ପୁରୁଣାଗଡ଼ ଫରେଷ୍ଟ ସେକ୍ସନର ବନପାଳ ଦୀନବନ୍ଧୁ ନାୟକ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବେ ନିୟୁଜ ଅନୁଷ୍ଠାନର ସଂଯୋଜକ ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା, ବନରକ୍ଷୀ ଋତୁପର୍ଣ୍ଣ ବିଶ୍ୱାଳ ଓ ଜୟସ୍ମିତା ସାହୁ ପ୍ରମୁଖ ଯୋଗଦେଇ ସ୍ଥାନୀୟ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ସହ ହାତୀ-ମଣିଷ ବିବାଦ ହ୍ରାସର ଉପାୟ, ବନ୍ୟପ୍ରାଣୀଙ୍କ ପ୍ରକାରଭେଦ, ସ୍ଥାନୀୟ ବନ୍ୟପ୍ରାଣୀ ପ୍ରଜାତି, ବନ୍ୟପ୍ରାଣୀଙ୍କ ପ୍ରତି ଥିବା ବିପଦ ଏବଂ ସୁରକ୍ଷା ଓ ସଂରକ୍ଷଣର ବିଭିନ୍ନ ଦିଗ, ବନ୍ୟପ୍ରାଣୀ ଅପରାଧର ସମ୍ବିଧାନ ଅନୁଯାୟୀ ଦଣ୍ଡବିଧାନ ଏବଂ ପରିବେଶ ଭାରସାମ୍ୟ ରକ୍ଷା କରିବାରେ ବିଭିନ୍ନ ବନ୍ୟପ୍ରାଣୀଙ୍କ ଭୂମିକା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଫସଲହାନୀର ଅନୁକମ୍ପା ଅର୍ଥ ରାଶିକୁ ଗ୍ରାମବାସୀମାନେ କିଭଳି ସହଜ ଓ ସୁବିଧାରେ ପାଇପାରିବେ ଏବଂ ଆଗାମୀ ଗ୍ରୀଷ୍ମ ଋତୁରେ ଉଭୟ ବିଭାଗ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଜଙ୍ଗଲ ନିଆଁକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନେବା ବାବଦରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଗୁରଙ୍ଗ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଆତ୍ମହତ୍ୟା କରିଥିବା ଚାଷୀ ପରିବାରକୁ ଭେଟିଲେ ବିଜେପି ପ୍ରତିନିଧି



ଅନୁଗୋଳ, ୩।୩(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ସାପୋଇସାହି ଗ୍ରାମରେ ଆତ୍ମହତ୍ୟା କରିଥିବା ଯୁବ ଚାଷୀ ତ୍ରିନାଥ ପ୍ରଧାନଙ୍କ ପରିବାରକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭେଟି ଆତ୍ମହତ୍ୟାର କାରଣ ବିଷୟରେ ଅନୁସନ୍ଧାନ କରିବା ସହିତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ସାପୋଇସାହିର ଯୁବ ଚାଷୀ ତ୍ରିନାଥ ପ୍ରଧାନ (୪୧) ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଋଣ କରିବା ସହିତ ନିଜ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କରଜ କରି ନିଜର ଅଢେଇ ଏକର ଜମିରେ ପନିପରିବା ଚାଷ କରିଥିଲେ। କିନ୍ତୁ ଫସଲ ନଷ୍ଟ ହୋଇଯିବା କାରଣରୁ ଚିନ୍ତାରେ ଥିଲେ। ମାନସିକ ଭାରସାମ୍ୟ ହରାଇ ରଶି ଲଗାଇ ଆ।ହତ୍ୟା କରିଛନ୍ତି ବୋଲି ପରିବାର ଲୋକ ଓ ଗ୍ରାମବାସୀ ବିଜେପି ପ୍ରତିନିଧି ଦଳ ନିକଟରେ ଅଭିଯୋଗ କରିଥିଲେ। ଚାଷୀ ଆତ୍ମହତ୍ୟା କରିଥିଲେ ମଧ୍ୟ ଅନୁଗୋଳ ଜିଲ୍ଲାର ରାଜସ୍ୱ ବିଭାଗ ଓ କୃଷି ବିଭାଗର କୌଣସି ଅଫିସର ଘଟଣା ସ୍ଥଳକୁ ଯାଇ ତଦନ୍ତ ନକରିବାକୁ ବିଜେପି ପ୍ରତିନିଧି ଦଳ ଦୃଢ ନିନ୍ଦା କରିଛି। ଆତ୍ମହତ୍ୟା କରିଥିବା ଯୁବ ଚାଷୀ ପରିବାରକୁ ତୁରନ୍ତ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହିତ ଅନୁଗୋଳ ଜିଲ୍ଲାପାଳ ରେଡକ୍ରସ ପାଣ୍ଠିରୁ ଶୁଦ୍ଧିକ୍ରିୟା ପାଇଁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିବାକୁ ରାଜ୍ୟ ସଭାପତି ମହେଶ୍ୱର ସାହୁ ଦାବି କରିଛନ୍ତି। ପ୍ରତିନିଧି ଦଳରେ ପୂର୍ବତନ ସାଂସଦ ରୁଦ୍ର ନାରାୟଣ ପାଣି, ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ବିଜୟ କୁମାର ମାଝୀ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ପ୍ରଶାନ୍ତ କୁମାର ପୃଷ୍ଟି, ଅକ୍ଷୟପାଦ ବେହେରା, ବିଜେପି ଜିଲ୍ଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରଧାନ, ପ୍ରଭାତ କୁମାର ବେହେରା, ସୁଶାନ୍ତ କୁମାର ସାହୁ, ନୀଳକଣ୍ଠ ସାହୁ, ଜୀବନାନନ୍ଦ ସାହୁ, ବିନୋଦ କୁମାର ପ୍ରଧାନ ଓ ଶ୍ରୀମତୀ ରୋଜାଲିନ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ବଢୁଛି ଗୋଖାଦ୍ୟ ଦର; କ୍ଷତି ସହୁଛନ୍ତି ଦୁଗ୍ଧଚାଷୀ

**ତାଳଚେର, ୩।୩(ସମିସ)**

ବଜାରରେ ଗୋଖାଦ୍ୟ ଦର ହୁ ହୁ ହୋଇ ବଢୁଥିବାବେଳେ ସେହି ଅନୁପାତରେ ଦୁଗ୍ଧ ଦର ବଢୁନଥିବାରୁ ତାଳଚେର ଦୁଗ୍ଧଚାଷୀମାନେ ଏବେ କ୍ଷତି ସହୁଛନ୍ତି। ତେଣୁ ଗାଁ ଗହଳରେ ଥିବା ଦୁଗ୍ଧଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୁଗ୍ଧ ଦର ବୃଦ୍ଧି ପାଇଁ ଦୁଗ୍ଧ ଚାଷୀମାନଙ୍କ ପକ୍ଷରୁ ଦାବି କରାଯାଇଛି। ଦୀର୍ଘଦିନ ହେଲା ଓମଫେଡ୍ ଦୁଗ୍ଧଦର ବୃଦ୍ଧି କରୁନାହିଁ। ଚାଷୀଙ୍କ ଠାରୁ ଲିଟର ପିଛା ୩୫ ରୁ ୪୦ ଟଙ୍କା ମଧ୍ୟରେ କିଣି ଲୋକଙ୍କୁ ୫୨ ଟଙ୍କାରେ ବିକ୍ରି କରୁଛି। ତେବେ ସଂଖ୍ୟାଧିକ ଚାଷୀଙ୍କ ଦୁଗ୍ଧ ଦର ଲିଟର ପ୍ରତି ୩୫ ଟଙ୍କାରୁ କମ୍ ରହୁଥିବାରୁ ଚାଷୀମାନେ ଏବେ ଘରୋଇ କମ୍ପାନୀ ମୁହାଁ ହୋଇଛନ୍ତି। ଓମଫେଡ୍ ଯେତିକି ଦରରେ ଦୁଗ୍ଧ କିଣୁଛି ଘରୋଇ କମ୍ପାନୀମାନେ ତାହାଠାରୁ ଲିଟର ପ୍ରତି ପ୍ରାୟ ୨ଟଙ୍କା ଅଧିକ ଦରରେ କିଣି ଚାଷୀଙ୍କୁ ନିଜ ଆଡକୁ ଟାଣୁଛନ୍ତି। କେତେକ ଘରୋଇ ଦୁଗ୍ଧ ବେପାରୀ ଲିଟର ପ୍ରତି ସରକାରୀ ଦର ଠାରୁ ୪/୫ ଟଙ୍କା ଅଧିକ ଦେଉଛନ୍ତି। ଦୁଗ୍ଧଚାଷୀମାନଙ୍କ ଲାଗି ସବୁଠାରୁ ବଡ ସମସ୍ୟା ହୋଇଛି ଗୋଖାଦ୍ୟ ଦର ହୁ ହୁ ହୋଇ ବଢ଼ିବା। ସରକାରୀ ଗୋଖାଦ୍ୟ କାରଖାନା ବନ୍ଦହୋଇ ଯିବାପରେ



### ଅଣଓଡିଆଙ୍କ କବ୍‌ଜାରେ ଗୋଖାଦ୍ୟ ବଜାର

ତାଳଚେରରେ କିଛି ଅଣଓଡିଆ ବ୍ୟବସାୟୀ ଏବେ ଗୋଖାଦ୍ୟ ବଜାରକୁ ଅକ୍ତିଆରକୁ ନେବା ସହିତ ମନଇଚ୍ଛା ଦର ବୃଦ୍ଧି କରୁଛନ୍ତି। ବଜାରରେ ଏବେ ଗୋଟିଏ କିଲୋ ଦାନାକୁ ପାଖାପାଖି ୩୦ଟଙ୍କା ହେଲାଣି। ତେଣୁ ଚଢା ଦରରେ ଦାନା କିଣି କମ୍ ଦରରେ ଓମଫେଡ୍‌କୁ କ୍ଷୀର ବିକ୍ରି କରିବା ଅପେକ୍ଷା ଚାଷୀମାନେ ଘରୋଇ କମ୍ପାନୀ ମୁହାଁ ହେଉଛନ୍ତି। ଏଥିଯୋଗୁଁ ଏବେ ଅଧିକାଂଶ ଋଗଣ ହୋଇଗଲାଣି। ସେହିଭଳି ଗୋପାଳନ ଲାଗି କଞ୍ଚାଘାସ ଅତ୍ୟନ୍ତ ଜରୁରୀ ଥିବାବେଳେ ଚାରଣ ଭୂମି ହ୍ରାସ ଯୋଗୁ ।ଇ ଗୋରୁଙ୍କୁ ଆଉ ପୂର୍ବଭଳି ସବୁଜ ଘାସ ମିଳୁନାହିଁ। ଘାସ ପାଇଁ ଦୁଗ୍ଧ ସମବାୟ ସମିତିଗୁଡିକ ମଧ୍ୟ ସେଭଳି କୌଣସି ପଦକ୍ଷେପ ନେଉ ନାହାନ୍ତି। ତାଳଚେରରେ ଥିବା ବ୍ରାହ୍ମଣୀ ନଈପଠା ଗାଈ ଗୋରୁଙ୍କ ଚାରଣ ଭୂମି ଥିବାବେଳେ ସେଠାରେ ଏବେ ମାଳ ମାଳ ଇଟାଭାଟି ଗଢି ଉଠୁଛି। ଦୁଗ୍ଧ ଚାଷୀଙ୍କ ଏଭଳି ଅବସ୍ଥା ଯୋଗୁଁ ଜିଲ୍ଲାରେ ପ୍ରତିଷ୍ଠା ହୋଇଥିବା ଓମ୍‌ଫେଡ୍ ଧିରେ ଧିରେ ଦେବାଳିଆ ହୋଇଗଲାଣି। ଓମଫେଡ୍ ପକ୍ଷରୁ ବହୁ ଆଡମ୍ବରରେ ଖୋଲା ଯାଇଥିବା ପାର୍ଲର କିନ୍ତୁ ଚାଲି ପାରୁନାହିଁ। ଓମଫେଡ୍ ଅନୁମତିପ୍ରାପ୍ତ କାଉଣ୍ଟର ଏବେ କେବଳ ଚାହା ଦୋକାନରେ ସୀମିତ ରହିଗଲାଣି। ଏଭଳି ସ୍ଥିତିରେ ଗାଁ ଗହଳର ଅର୍ଥନୀତିର ପ୍ରମୁଖ ମେରୁଦଣ୍ଡ ସାଜିଥିବା ଦୁଗ୍ଧଚାଷ ପ୍ରତି ସରକାର ଦୃଷ୍ଟି ଦେବା ସହିତ ଏଥିପାଇଁ ହେଉଥିବା ଖର୍ଚ୍ଚକୁ ଆକଳନ କରି ଦୁଗ୍ଧ ଦର ବୃଦ୍ଧି କରିବା ଆବଶ୍ୟକ। ଏହା ନହେଲେ ଆଗାମୀ ଦିନରେ ସରକାରୀ ସଂସ୍ଥା ଓମଫେଡ୍ ସମ୍ପୂର୍ଣ୍ଣ ଦେବାଳିଆ ହୋଇଯିବା ସହିତ ଦୁଗ୍ଧ ଚାଷୀଙ୍କ ଭାଗ୍ୟ ଘରୋଇ ସଂସ୍ଥା ହାତକୁ ଚାଲିଯିବ।

ANIMESH FOOD PRODUCTS
ANIMESH INDIAN SNACKS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com
Contact: 8895052838 / 8596070800

## ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନାହିଁ

# ପର ବାରଣ୍ଡାରେ ପଢୁଛନ୍ତି ପିଲା



ଡେରାବିଶ, ୩।୩ (ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ କୁଳସାହି ଗ୍ରାମର ୧୨ ନଂ, ୧୩ ନଂ ଓ ୧୫ ନଂ ୱାର୍ଡ଼ ପାଇଁ ଉଦ୍ଦିଷ୍ଟ ଅଙ୍ଗନୱାଡ଼ି କେନ୍ଦ୍ରଟିର ନିଜସ୍ୱ ଗୃହ ନଥିବାରୁ କୋମଳମତି ଶିଶୁମାନେ ଜନୈକ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ବସି ପାଠ ପଢୁଛନ୍ତି। ରାଜ୍ୟ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ପୁଷ୍ଟିସାଧନ, ଖେଳକୁଦ ଓ ମାନସିକ ବିକାଶ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରମାନ ନିର୍ମାଣ କରିଛନ୍ତି। ଏଠାରେ ନିଯୁକ୍ତ କର୍ମୀ କୋମଳମତି ଶିଶୁମାନଙ୍କ ପାଠପଢ଼ା ପାଇଁ ମାନସିକ ପ୍ରସ୍ତୁତି ଓ ଖେଳକୁଦ କରାଇବା ସହ କେନ୍ଦ୍ରରେ ନିଯୁକ୍ତ ପାଚିକା ଶିଶୁମାନଙ୍କ ପୁଷ୍ଟିସାଧନ ନିମନ୍ତେ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ଖାଇବାକୁ ଦେବେ। ହେଲେ ଉପରୋକ୍ତ ଅଙ୍ଗନ ୱାଡ଼ି କେନ୍ଦ୍ରରେ ୨୨ ଜଣ କୋମଳମତି ଶିଶୁ ପଢୁଥିବା ବେଳେ ଏହି କେନ୍ଦ୍ରର ନିଜ ଗୃହ ନଥିବାରୁ କର୍ମୀ ଓ ପାଚିକା ଜଣକ ଶିଶୁମାନଙ୍କୁ ନେଇ ବାରଦ୍ୱାର ହେଉଛନ୍ତି। ଏହି କେନ୍ଦ୍ରଟି କିଛି ଦିନ ପୂର୍ବରୁ ବନ୍ଦ ହୋଇଯାଇଥିବା ଜେନାସାହି ପ୍ରୋଜେକ୍ଟ ବିଦ୍ୟାଳୟରେ ଚାଲିଥିଲା। ହେଲେ ଏହି ଘରଟିକୁ ଅସୁରକ୍ଷିତ ଦର୍ଶାଇ ସେଠାରେ କୋମଳମତି ଶିଶୁମାନଙ୍କୁ ପାଠପଢ଼ାଇବାକୁ ମନା କରିଦେଇଥିଲେ। ସେବେଠାରୁ ପାଚିକା ଜଣକ ନିଜ ଘରୁ ରୋଷେଇ କରି ଆଣୁଥିବା ବେଳେ କର୍ମୀଜଣକ ସ୍ଥାନୀୟ ଲୋକଙ୍କ ବାରଣ୍ଡାରେ ବସି ପାଠ ପଢ଼ାଉଛନ୍ତି। ଏ ବିଷୟରେ ହରିଅଙ୍କର ସମାଜସେବୀ ସୁଖଦାନନ୍ଦ ପ୍ରଧାନ କୁହନ୍ତି ଆମେ ବାରମ୍ବାର ଏହି କେନ୍ଦ୍ର ନିମନ୍ତେ ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆମ କଥା କେହି ଶୁଣୁନାହାଁନ୍ତି। ଏହି କେନ୍ଦ୍ର ପାଇଁ ସ୍ଥାନ ନିରୁପଣ ହୋଇସାରିଛି। ବ୍ଲକ ପ୍ରଶାସନ ଏଥିପ୍ରତି ଯଦି ସାମାନ୍ୟ ଦୃଷ୍ଟି ଦିଅନ୍ତା ତେବେ କୋମଳମତି ଶିଶୁମାନେ ଭଲ ପରିବେଶରେ ପାଠପଢ଼ି ପାରନ୍ତେ। ତୁରନ୍ତ ଏହି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ନାଳରେ ଭାସୁଛି ଯୁବକଙ୍କ ମୃତଦେହ



ରାଜନଗର, ୩।୩(ସମିସ): ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରଙ୍ଗଣୀ ପଞ୍ଚାୟତ ଚାଆଁରାକୋଲ୍ଲା ନିକଟରେ ଏକ ନାଳରେ ଆଜି ରଙ୍ଗଣୀ ଗାଁର କୁଞ୍ଜ ବିହାରୀ ଦଳାଇ (୩୦ ବର୍ଷ)ଙ୍କର ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଯୁବକଙ୍କ ମୃତଦେହ ନିକଟରେ ଗୋଟେ ମୋବାଇଲ ପଡ଼ିଥିବାରୁ ତାଙ୍କ ମୃତ୍ୟୁ ପଛର କାରଣକୁ ନେଇ ନାନା କଥା ଆଲୋଚନା ହେଉଛି। ନାଳ ମଧ୍ୟକୁ କୁଞ୍ଜ ବିହାରୀଙ୍କ ମୃତଦେହ କିପରି ଆସିଲା, ଏହା ପଛରେ କି କାରଣ ରହିଛି, ତାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ କୁଞ୍ଜ ବିହାରୀ ରାଜମିସ୍ତ୍ରୀ କାମ କରି ପରିବାର ଚଳାନ୍ତି। ତାଙ୍କ ପଞ୍ଚାୟତର ଚାଆଁରାକୋଲ୍ଲା ବିଦ୍ୟାଳୟରେ ଏବେ ଘରକାମ ଚାଲିଛି। ଏହି ବିଦ୍ୟାଳୟ ଭିତରେ ଥିବା କରୋନା ସମୟରେ ଆସିଥିବା ଖଟ ବାହାରେ ଗଦା ହୋଇଛି। ଗତକାଲି ରାତିରେ କୁଞ୍ଜ ବିହାରୀଙ୍କ ସହିତ ଅନ୍ୟ ଦୁଇଜଣ ଯୁବକ ବିଦ୍ୟାଳୟ ଭିତରେ ପଶି ମୋଟର ସାଇକେଲ ଯୋଗେ ଖଟ ଚୋରିକରି ନେଉଥିଲେ। ମୋଟର ସାଇକେଲରେ ଖଟ ଧରି ଯିବା ବାଟରେ ମୋଟର ସାଇକେଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣା ସ୍ଥଳରେ କୁଞ୍ଜ ବିହାରୀଙ୍କର ମୃତ୍ୟୁ ଘଟିଥିଲା। ମୋଟର ସାଇକଲ ଚାଳକ ଓ ଅନ୍ୟଜଣେ ଯୁବକ କୁଞ୍ଜ ବିହାରୀଙ୍କ ମୃତଦେହକୁ ନାଳ ମଧ୍ୟକୁ ପେଲିଦେଇ ଓ ସେ ଆଣିଥିବା ଖଟ ଓ ତା ମୋବାଇଲକୁ ନାଳ ମଧ୍ୟକୁ ଫୋପାଡି ଦେଇ ଚାଲି ଯାଇଥିଲେ ବୋଲି ଅଞ୍ଚଳ ସାରା ଚର୍ଚ୍ଚା ହେଉଛି। ଆଜି ସକାଳେ କୁଞ୍ଜ ବିହାରୀଙ୍କ ମୃତଦେହ ନାଳ ମଧ୍ୟରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଯୁବକ ମୃତ

ଡେରାବିଶ, ୩।୩ (ସମିସ):କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ପଞ୍ଚାୟତ ଚାନ୍ଦୋଳ -ଦାନପୁର ରାସ୍ତାର ଖରିଦାସାହି ଗ୍ରାମ ନିକଟରେ ଏକ ଅଟୋ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କର ଗତକାଲି ମୃତ୍ୟୁ ହୋଇଯାଇଛି। ଘଟଣାରୁ ପ୍ରକାଶ ଏକ ବାଇକ୍‌ରେ ଦାନପୁର ପଞ୍ଚାୟତଅନ୍ତର୍ଗତ କେଶରପୁର ଗ୍ରାମର ବିଶ୍ୱଜିତ କର (୨୬) ଓ ତାଙ୍କ ବାପା ବ୍ରଜକିଶୋର କରଙ୍କୁ ନେଇ ଚାନ୍ଦୋଳ ଆସୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଏକ ଡାଲା ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ବାପ ପୁଅ ଗୁରୁତର ହୋଇପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ କଟକ ମେଡ଼ିକାଲ୍‌କୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ପହଞ୍ଚିବା ପରେ ଡାକ୍ତର ବିଶ୍ୱଜିତଙ୍କୁ ମୃତ ଘୋଷଣା କରିଥିବା ବେଳେ ତାଙ୍କ ବାପା ବ୍ରଜ କିଶୋର ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଆଜି ବିଶ୍ୱଜିତଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଘଟଣା ସ୍ଥଳରେ ଚାନ୍ଦୋଳ ଫାଣ୍ଡି ପୋଲିସ୍ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ବିଶ୍ୱଜିତ ତାଙ୍କ ପିତାମାତାଙ୍କର ଏକମାତ୍ର ସନ୍ତାନ ଥିଲେ।

## ବିଧାୟକଙ୍କ ମାରାଥନ ଶିଳାନ୍ୟାସ

# ସାମିଲ ହେଲେ କଂଗ୍ରେସ ସମର୍ଥିତ ସରପଞ୍ଚ ଓ କର୍ମୀ

ରାଜନଗର, ୩।୩(ସମିସ): ବିଧାୟକ ଧ୍ରୁବ ସାହୁ ଆଜି ରାଜନଗରରେ ମାରାଥନ ଶିଳାନ୍ୟାସ କରିଛନ୍ତି। ଚାନ୍ଦିବାଉଁଶମୂଳଠାରୁ ବାଉଁଶନଳୀ ରାସ୍ତାର ହଂସୁଆ କ୍ରିକ ଉପରେ ୩ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ସେତୁର ଉଦ୍‌ଘାଟନ କରିଛନ୍ତି। ଏଥିସହିତ ଗ୍ରାମ୍ୟ ଉନ୍ନୟନ ରାସ୍ତାର ରାଜବିଜୟନଗରଠାରୁ ବଳଭଦ୍ରପୁର ପର୍ଯ୍ୟନ୍ତ ୭ କିମି ରାସ୍ତାର ଉନ୍ନତିକରଣ କାମ ୮ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ବିଧାୟକ ଏହି ରାସ୍ତାର ଶିଳାନ୍ୟାସ କରିଛନ୍ତି। ଏଥିସହିତ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଜୁନୁସନଗର ଗାଁରେ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ଗୋଷ୍ଠୀ କେନ୍ଦ୍ର ନିର୍ମାଣ, ରାଜବିଜୟନଗର ଗାଁରେ ଅଢେଇ ଲକ୍ଷ ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ରୋଷଘର ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ସହିତ ରିଘାଗଡ଼, ଘଡିଆମାଳ ଓ ପଞ୍ଚୁପଲ୍ଲୀ ଠାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ରାଜବିଜୟନଗରଠାରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ଇଶ୍ୱରପୁର ପଞ୍ଚାୟତର କଂଗ୍ରେସ ସମର୍ଥୀତ ସରପଞ୍ଚ ସୁରେଖା ପ୍ରଧାନ, ତାଙ୍କ ସ୍ୱାମୀ ତଥା ପଞ୍ଚାୟତ କଂଗ୍ରେସ କମିଟି ସଭାପତି ହୃଷିକେଶ ପ୍ରଧାନ, ନାଏବ ସରପଞ୍ଚ ଅଭିରାମ ମୁଦୁଲି, ୱାର୍ଡସଭ୍ୟ ବିଜୟ ମହାରଣା, ୱାର୍ଡସଭ୍ୟା ଦିପ୍ତିମୟୀ ଦାସ, ପୂର୍ବତନ ସେବା ସମବାୟ ସମିତିର ସଭାପତି ପ୍ରମୁଖଙ୍କ ସହିତ ସେମାନଙ୍କ



ସମର୍ଥକମାନେବିଜେଡ଼ିରେ ଯୋଗଦେଇଛନ୍ତି। ବିଧାୟକ ଦଳର ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ମିଳିମିଶି ବିକାଶ ପାଇଁ କାମ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ଶୈଳେନ୍ଦ୍ର କୁମାର ମିଶ୍ର, ଇତିଶ୍ରୀ ମହାପାତ୍ର, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ସଞ୍ଜୟ କୁମାର ସ୍ୱାଇଁ, ଆର୍ତ୍ତବନ୍ଧୁ ମହାନ୍ତି, ସୁଚୀସ୍ମିତା ନାୟକ, ଶଶିକଳା ବେହେରା, ବିଜେଡିନେତା ବିଜୟ କୁମାର ନାୟକ, ନରହରି ଜେନା, କାହ୍ନୁ ଚରଣ ଚଣ୍ଡ, ଗଙ୍ଗାଧର ଦାସ, ସୁବାସ ଜେନା, ରାକେଶ ନାୟକ, ରମେଶ ବେହେରା, ସରୋଜ କୁମାର ରାଉତ, ସେବା ସମବାୟ ସମିତି ସଭାପତି ଶୁଭ୍ରକାନ୍ତ ଭ୍ରମରରାୟ, ଦଧିବାମନ ଭୂୟାଁ, ଯୁବନେତା ବସନ୍ତ କୁମାର ବେହେରା, ମୋହନ ଚରଣ ବିଶ୍ୱାଳ, ଜିତେନ୍ଦ୍ର ବିଶ୍ୱାଳ, ରାଜୀବଲୋଚନ ପାଳ, ଲକ୍ଷ୍ମୀକାନ୍ତ ପାହାଡି, ନରହରି ବେହେରା, ରମାକାନ୍ତ ଜେନା, ହିମାଂଶୁ ପାଣି, ନାରାୟଣ ଚନ୍ଦ୍ର ଦାସ, ନିମାଇଁ ଜାନା ପ୍ରମୁଖ ସାମିଲ ହୋଇଥିଲେ।

## ● ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ଥର ଗତି

# ଅବଧି ଶେଷର ଦେଢ଼ବର୍ଷ ପରେ ବି ଅଧାପନ୍ତରିଆ ହୋଇପଡ଼ିଛି ରାସ୍ତା କାମ



ଡେରାବିଶ, ୩।୩ (ସମିସ): କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଠାରୁ ପଲେଇ ଭାୟା ଡେରାକୁଣ୍ଡି, କରିମୂଳ ଓ କୋଶିଦା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନ ରାସ୍ତାଟି କାର୍ଯ୍ୟ ଅବଧି ଶେଷର ଦେଢ଼ବର୍ଷ ପରେବି ଅସମ୍ପୂର୍ଣ୍ଣ ହୋଇ ରହିଛି। ଏହି କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକା ସଂସ୍ଥା ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି। କାର୍ଯ୍ୟର ଏଷ୍ଟିମେଟ୍ ଅନୁଯାୟୀ ଏହି ରାସ୍ତାର ପଲେଇ ପଞ୍ଚାୟତର ୯ ନଂ ୱାର୍ଡ଼ ଜାମୁଦଣ୍ଡାର ଅନାଦି ମହାପୁରୁଷଙ୍କ ନିକଟରେ ରାସ୍ତା କଡ଼ରେ ଥିବା ପୋଖରୀରେ ଗାର୍ଡ଼ ୱାଲ କରାଯାଇ ରାସ୍ତା ନିର୍ମାଣ କରାଯିବା କଥା। ହେଲେ ଠିକାଦାର ଜଣକ ଏହାର ବ୍ୟତିକ୍ରମ କରି ଏଠାରେ ଗାର୍ଡ଼ୱାଲ କିମ୍ବା ରାସ୍ତା ଆଦୌ ନିର୍ମାଣ ନକରି ଚୁପ୍ ରହିଯାଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ଏହି ରାସ୍ତା କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରାଯିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଜିଲ୍ଲା ପ୍ରଶାସନ ଯାଏ ଅଭିଯୋଗ କରି ନିରାଶ ହେବା ପରେ ଶେଷରେ ଆରଟିଆଇ ମାଧ୍ୟମରେ ବର୍ଷକ ତଳୁ ଏହି କାର୍ଯ୍ୟର ଏଷ୍ଟିମେଟ୍ ବିଭାଗକୁ ମାଗିଥିଲେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରି ବିଭାଗ ଏହାକୁ ଦେବାକୁ ନାରାଜ। ବାଧ୍ୟ ହୋଇ ଗତକାଲି ଗ୍ରାମବାସୀଙ୍କ ତରଫରୁ ସମାଜସେବୀ ଲୋକନାଥ ପ୍ରଧାନ ବିଭାଗ ନିକଟରେ ଆବେଦନ କରିଥିବା ସୂଚନା ପାଇବା ପାଇଁ ଅପିଲ କରିଛନ୍ତି।

## ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା, ୩।୩(ସମିସ): ଆଳି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମ ପଞ୍ଚାୟତରେ ନୂତନ ମିଶନ ଶକ୍ତି ଗୃହ ଉଦଘାଟିତ ହୋଇଯାଇଛି। ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ମିଶନ ଶକ୍ତି ଗୃହ ଉଦଘାଟନ କରିଥିଲେ। ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରି ତାଙ୍କୁ ପାଛୋଟି ନେବା ସହିତ ସହିତ ଶତାଧିକ ମହିଳାମାନେ ମନ୍ତ୍ରୀଙ୍କୁ ସ୍ୱା।ଗତ କରିଥିଲେ। ମହିଳା ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଅନେକ ଯୋଜନା ମାନ ବିଷୟରେ ଆଲୋଚନା କରିବା ସହିତ ମିଶନ ଶକ୍ତିରେ ବହୁ ଯୋଜନାର ଲାଭ ନେଇ କେମିତି ମହିଳାମାନେ ସ୍ୱାବଲମ୍ବୀ ହେବା ସହିତ ସଶକ୍ତିକରଣ ହୋଇପାରିଛନ୍ତି ଆଲୋକପାତ କରିବା ସହିତ ଆଗକୁ ଏହି ଯୋଜନା ମାନଙ୍କର ଲାଭ ଉଠାଇ ମହିଳାମାନେ ସ୍ୱରୋଜଗାରୀ ବା ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ୨୦୦୨-୨୦୦୩ ମସିହାରେ ସ୍ୱୟଂ ସହାୟକ ଗୋଷ୍ଠୀର ଆରମ୍ଭରେ ସମଗ୍ର ଓଡ଼ିଶାରେ ମାତ୍ର ୧୩ ହଜାର ୭ ଶହ ମହିଳା ଯୋଗ ଦେଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮୦ ଲକ୍ଷ ମହିଳା ସାମିଲ ହୋଇ ସାରିଛନ୍ତି। ମିଶନ ଶକ୍ତିରେ ସାମିଲ ହେବା ପରେ ଅନେକ ମହିଳା ସ୍ୱାବଲମ୍ବୀ ହୋଇ ପାରିଛନ୍ତି ବୋଲି ମଧ୍ୟ ମନ୍ତ୍ରୀ କହିଥିଲେ। ଏହି ଉଦଘାଟନୀ ଦିବସରେ ମହିଳାମାନଙ୍କୁ ନେଇ ହୋଇଥିବା ଏକ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ମହୁ ପଞ୍ଚାୟତର ସରପଞ୍ଚ ମହେଶ୍ୱର ତ୍ରିପାଠୀ, ସମିତି ସଭ୍ୟା ମମତା ଦାଶ, ଉପାଧ୍ୟକ୍ଷା ମିନତୀ ବାରିକ୍, ଆଳି ବିଜୁ ଜନତା ଦଳର ସଭାପତି ସନାତନ ମିଶ୍ର ଏବଂ ଆଶିଷ କରଙ୍କ ସମେତ ବହୁ ଦଳୀୟ କର୍ମୀ ନେତା ପ୍ରମୁଖ ଯୋଗ ଦେଇଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ଆନୁକୂଲ୍ୟରେ ବନ୍ଧୁମିଳନ

କେନ୍ଦ୍ରାପଡ଼ା, ୩।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ଆନୁକୂଲ୍ୟରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବିଜୟନଗର ଠାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ସୁରେନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ



ମଧ୍ୟରେ ଜିଲ୍ଲା ସଭାପତି ଶରତ କୁମାର ବେହେରା, ସମ୍ପାଦକ ସୁମନ୍ତ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ପଡ଼ିହାରୀ, କୋଷାଧକ୍ଷ ସୁଶୀଲ କୁମାର ସାମଲ, ଉପଦେଷ୍ଟା ଗଙ୍ଗାଧର ପରିଡ଼ା, ଧନେଶ୍ୱର ରାଉତ, ନରୋତ୍ତମ ପରିଡ଼ା, ଭାଗୀରଥି ଜେନା, ଚନ୍ଦନ କୁମାର ପରିଡ଼ା, ଶାନ୍ତିସ୍ୱରୂପ ଭୂୟାଁ, ନଳିନୀପ୍ରଭା ଚୌଧୁରୀ, ଚିନ୍ମୟ ମଲ୍ଲିକ, ପ୍ରଭାତରଞ୍ଜନ ମହାନ୍ତି, ଦିଲ୍ଲିପକୁମାରଜେନା ଇତ୍ୟାଦି ଯୋଗଦେଇ ସଂଘର କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯାଇ ସଂଗଠନକୁ ସୁଦୃଢ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ଜିଲ୍ଲାର ପ୍ରତି ପଞ୍ଚାୟତ ସ୍ତରରେ ସଭାପତି ଓ ସମ୍ପାଦକ ଚୟନ କରାଯାଇ ତୃଣମୂଳ ସ୍ତରରୁ ବ୍ୟାପକ କରାଯିବା ସଙ୍ଗେ ସଙ୍ଗେ ଜିଲ୍ଲା ସ୍ତରରେ ଏକ ସ୍ଥାୟୀ ଅଫିସ କରାଯାଇ ଜିଲ୍ଲାର ସମସ୍ତ କ୍ଷତ୍ରୀୟ ଖଣ୍ଡାୟତ ଲୋକମାନଙ୍କର ବିଭିନ୍ନ ମୌଳିକ ସମସ୍ୟା, କୋର୍ଟ କଚେରୀ, ପୁଲିସ ଫାଣ୍ଡି ଇତ୍ୟାଦି ସମସ୍ୟା ଗୁଡିକୁ ସମାଧାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଗାନ କରାଯିବା ସହ ଚନ୍ଦନ କୁମାର ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଚୈତନ୍ୟ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ସମାଜସେବୀଙ୍କ ଦେହାନ୍ତ

ପଞ୍ଚୁପାଣ୍ଡବ, ୩।୩ (ସମିସ): ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ସମାଜସେବୀ ମୋହନ ଚରଣ ବେହୁରା (୭୫)ଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ସରପଞ୍ଚ ମୋହନ ଚରଣ ସାହୁ, ପୂର୍ବତନ ସରପଞ୍ଚ ଅରକ୍ଷିତ ସାମଲ, ସମାଜସେବୀ ପ୍ରଶାନ୍ତ ସାମଲ, ପ୍ରକାଶ ଚନ୍ଦ୍ର ସାହୁ, ରିଆସତ ସାହା, ଅଞ୍ଜନ ପାରିଆଡ଼ୀ, ସୁବାସ ଘଡ଼ାଇ ଓ ସମର କେଶରୀ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ଉଦୟ କୁମାର ବେହୁରା ମୁଖାଗ୍ନି ଦେଇଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ପଞ୍ଚୁପାଣ୍ଡବ, ୩।୩ (ସମିସ) : ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରୀପାଟଣା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସମ୍ପଦ ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳନ୍ଦି ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ହୃଷିକେଶ ମହାରଣା ସଭାପତିତ୍ୱ କରିଥିଲେ। ଏବିଇଓ ସଚିକାନ୍ତ ମିଶ୍ର ଓ ଦେବଦତ୍ତ ଶତପଥି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସିଆରସିସି ମାମୁନି ସିଂ, ହରେକୃଷ୍ଣ କର ଓ ଅଶୋକ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟର ସଭାପତି ବାଇନ ମଲିକ, ଶତ୍ରୁଘନ ମଲିକ, ବିଜୟ କାଣ୍ଡି ଓ ଭଗବତୀ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ସହଯୋଗ କରିଥିଲେ।



# ଫେଲ୍ ମାରିଛି 'ଆମ ଗାଁ ଖଳା' ଯୋଜନା



ରାଜକନିକା, ୩।୩(ସମିସ): ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ କରାଯାଇଥିବା ଆମ ଗାଁ ଖଳା ଯୋଜନାଟି ପଥ ହୁଡିଥିବାର ଦେଖା ଗଲାଣି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ଯୋଜନାଟି କରାଯାଇଥିଲା ତାହା କୌଣସି କାମରେ ଲାଗୁ ନ ଥିବାର ଅଭିଯୋଗ ହୋଇଛି। ସୂଚନା ମୁତାବକ ୨୦୧୭-୧୮ ଆର୍ଥିକବର୍ଷରେ ଆରମ୍ଭ ହୋଇଥିବା ଏହି ଆମ ଗାଁ ଖଳା ଯୋଜନାରେ ପ୍ରତି ପଞ୍ଚାୟତର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କଂକ୍ରିଟ ଚଉତରା କରାଯିବାର ବ୍ୟବସ୍ଥା ରହିଥିଲା। ଏଥିରେ ଚାଷୀମାନେ ନିଜ ନିଜର ଅମଳ କରିଥିବା ଧାନବିରି, ମୁଗ, ଚିନାବାଦାମ ସୁରକ୍ଷିତ ଭାବେ ରଖି ପାରିବା ସହିତ ଆବଶ୍ୟକ ସମୟ ଅନୁସାରେ ଖଳାରୁ ଅମଳ କରି ନିଜ ଘରକୁ ଆଣି ପାରିବେ। ଏହା ସହିତ ଶସ୍ୟକୁ ମୂଷା ଦାଉରୁ ମଧ୍ୟ ସୁରକ୍ଷା ଦେଇ ପାରିବେ ବୋଲି ସରକାରଙ୍କ ପକ୍ଷରୁ ଏହି ଖଳା ଯୋଜନାଟି ହୋଇଥିଲା। ଏଥିପାଇଁ ଏଥିରେ ସରକାରଙ୍କ ପକ୍ଷରୁ ସାତ ଲକ୍ଷ ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଥିଲା। ହେଲେ ଏହି ଯୋଜନାର ସୁଫଳ ରୂପାୟନ ପ୍ରାୟତଃ ଦେଖା ଯାଉନାହିଁ। ରାଜକନିକା ବ୍ଲକ ପ୍ରଧାନପଡ଼ା ପଞ୍ଚାୟତର ଅନତି ଦୂରରେ ଏକ ଖୋଲା ପଡ଼ିଆରେ ହୋଇଥିବା ଖଳାର ଜରାଜୀର୍ଣ୍ଣ ଅବସ୍ଥା ତାହା ପ୍ରମାଣିତ କରୁଛି। ଉପାନ୍ତ ଏହି ଅଞ୍ଚଳରେ ଚାଷୀଙ୍କୁ ଅନ୍ଧାରରେ ରଖି ଅସାଧୁ ଠିକାଦାର ଏଭଳି ଖଳା କରିଥିବାର ଅଭିଯୋଗ ହୋଇଛି। ଖଳାର ନିର୍ମାଣରେ ନିମ୍ନମାନର ସାମଗ୍ରୀ ଆଉ ଅନିୟମିତତା ଦେଖିଲେ ବୁଝା ପଡୁଛି ଯେ ଏଭଳି କାମ ଯୋଗୁଁ ଖଳା ସତ୍ତା ହରେଇ ସାରିଛି। ଖଳା ଭିତରେ ବେଣା ଘାସରେ ଭରି ରହିଥିବା ବେଳେ ଖଳାଟି ଭାଙ୍ଗି ତୁଟି ଯାଇ ଏହା ଚାଷୀଙ୍କ କାମରେ ଲାଗୁ ନ ଥିବାର ଜଳ ଜଳ ଦିଶୁଛି।ଏହା ଉପରେ ତଦନ୍ତ କରାଯାଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ଦଶରଥପୁରରେ ସତସଙ୍ଗ ମହୋତ୍ସବ

ଦଶରଥପୁର, ୩।୩(ସମିସ): ଦଶରଥପୁର ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଯୁଗ ପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପୁଣ୍ୟ ୧୩୬ତମ ଜନ୍ମୋତ୍ସବ ଉପଲକ୍ଷେ ଏକ ବିଶେଷ ସତସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସତସଙ୍ଗ ସଭାରେ ବରିଷ୍ଠ ସହ-ପ୍ରତିରତ୍ୱିକ୍ ନାରାୟଣ ଚନ୍ଦ୍ର ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବଟକୃଷ୍ଣ ବେହେରା ଅଧ୍ୟକ୍ଷତା କରିଥିଲେ। ଇନ୍ଦୁମୌଳୀ ପଟ୍ଟନାୟକ 'ସତ୍ୟାନୁସରଣ' ଓ ବାନ୍ମୟୀ ପତି 'ନାରୀର ନୀତି' ଗ୍ରନ୍ଥ ପାଠ କରିଥିଲେ। ଗୌରାଙ୍ଗ ଭାଇ, ଚିତ୍ତ ଭାଇ ଓ କାଶୀନାଥ ଦାସ ଭଜନ



ପରିବେଷଣ କରିଥିବାବେଳେ ଉମାକାନ୍ତ ତରାଇ ସୁଲଳିତ କଣ୍ଠରେ କୀର୍ତ୍ତନ ଗାନ କରି ସମଗ୍ର ପରିବେଶକୁ ଭାକ୍ତିକ ପବିତ୍ରତାରେ ମୁଖରିତ କରିଥିଲେ। ଅଧ୍ୟାପକ ବଳରାମ ପଣ୍ଡା ପ୍ରାରମ୍ଭିକ ସୂଚନା ଦେବା ପରେ ପୀତାମ୍ବର ପତି ଶ୍ରୀଶ୍ରୀ ଠାକୁରଙ୍କ ଭାବାଦର୍ଶ ଓ ରସପୂର୍ଣ୍ଣ ଅମୂଲ୍ୟ ସାହିତ୍ୟ ସମ୍ପର୍କରେ ସଦୃଷ୍ଟାନ୍ତ ଆଲୋଚନା କରି ଦୀକ୍ଷା ପତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧ୍ୟାପକ ଡକ୍ଟର ବୈରାଗୀ ଚରଣ ଦ୍ୱିବେଦୀ ସ୍ୱକୀୟ ପ୍ରଜ୍ଞାଦୀପ୍ତ ବକ୍ତବ୍ୟ ମାଧ୍ୟମରେ ସତ୍‌ନାମର ମହାଶକ୍ତି କିପରି ମଣିଷକୁ ମହାବିପଦରୁ ରକ୍ଷା କରି ମୃତ୍ୟୁ ସଞ୍ଜୀବନୀ ସାଜି ମଣିଷ ଜୀବନକୁ ଜୀବନ୍ମୟ କରି ତୋଳେ, ତା'ର ପାପ ତାପକୁ ହରଣ କରେ, ଠିକ୍ ଠିକ୍ ଇଷ୍ଟଭୃତି କରୁଥିବା ମଣିଷ କିପରି କେତେବେଳେ ମଧ୍ୟ ଉପାସ ରହେନି ସେକଥା ନିଜ ଅଙ୍ଗ ନିଭା ଅନୁଭୂତି ମାଧ୍ୟମରେ ସୁନ୍ଦର ଭାବେ ବର୍ଣ୍ଣନା କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶେଷରେ ଜୀବନ ବ୍ୟାପୀ ସତ୍ୟନିଷ୍ଠ ଆଧ୍ୟାତ୍ମିକ ସାଧନା ନିମନ୍ତେ ବରିଷ୍ଠ ସହପ୍ରତିରତ୍ୱିକ ନାରାୟଣ ଚନ୍ଦ୍ର ପଟ୍ଟନାୟକ ଓ ସନାତନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତସଙ୍ଗ ପରିଚାଳକ ଦଶରଥପୁର ସତସଙ୍ଗ କେନ୍ଦ୍ରର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ନାରାୟଣ ଚନ୍ଦ୍ର ସାମନ୍ତରାୟଙ୍କ ସ୍ମୃତିଚାରଣ କରି ତାଙ୍କ ନିଷ୍ଠାଯୁକ୍ତ ଇଷ୍ଟ ପ୍ରାଣତା ତଥା ତ୍ୟାଗପୂତ ବଳିଷ୍ଠ ବ୍ୟକ୍ତିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ।

### ବର୍ଷସାରା ପାଣି ଜମୁଥିବା ସ୍ଥାନରେ ଛଡ଼ାଯିବ ମଶା ଲାର୍ଭାଖିଆ ମାଛ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗାମ୍ବୁସିଆ ମାଛ ପ୍ରଜନନ କେନ୍ଦ୍ର

**ଜଗତସିଂହପୁର,୩।୩(ସମିସ)**

ଜିଲ୍ଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମଶା ବଂଶ ଲୋପ ପାଇଁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗାମ୍ବୁଶିଆ ମାଛ ପ୍ରଜନନ କେନ୍ଦ୍ର ଆରମ୍ଭ ହୋଇଛି। ଜଗତସିଂହପୁର ପରି ଖାଲୁଆ ଓ ସନ୍ତସନ୍ତିଆ ଅଞ୍ଚଳରେ ଏହି ମାଛ ମଶା ବଂଶ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଜଣାପଡିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କ୍ଷେତ୍ରବାସୀ ଦାଶଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ବାରିକ ଓ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଅସିତ୍ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଛି।




ଏ ସମ୍ପର୍କରେ ସୂଚନା ଦେଇ ଏଡିଏମ୍ ମେଡିକାଲ ଡାକ୍ତର ବାରିକ କୁହନ୍ତି, ପ୍ରାଥମିକ ପର୍ଯ୍ୟାୟରେ ଦୁଇଟି ଟାଙ୍କିରେ କିଛି ଗାମ୍ବୁସିଆ ମାଛ ଯାଆଁଳ ଛାଡ଼ି ପ୍ରଜନନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପ୍ରାକୃତିକ ପ୍ରଣାଳୀରେ ମଶା ବଂଶ ଦମନ ପାଇଁ ଏହି ମାଛ ବ୍ୟବହାର କରାଯାଏ। ଏହି ମାଛ ମଶାର ଲାର୍ଭା ଖାଇଯାଏ। ଉଭୟ ମଧୁର ପାଣି ଓ ଲବଣାକ୍ତ ପାଣିରେ ଏହି ମାଛ ବଞ୍ଚିଥାଏ। ଏହି ମାଛ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ଅଣ୍ଡିରା ମାଛ ୪ ରୁ ୫ ସେଣ୍ଟିମିଟର ଓ ମାଇ ମାଛ ୬ ରୁ ୮ ସେଣ୍ଟିମିଟର ପର୍ଯ୍ୟନ୍ତ ବଢ଼ିଥାଏ। ମାଇ ମାଛ ୩ରୁ ୬ ମାସ ମଧ୍ୟରେ ପ୍ରଜନନ କରେ ଓ ବର୍ଷକୁ ୨ରୁ ୩ ଥର ଛୁଆ ଦିଏ।



ସେହିପରି ଭେକ୍ଟର ବାହିତ ରୋଗର ପରାମର୍ଶଦାତା ଶ୍ରୀ ଦାସ କହନ୍ତି, ଏହି ମାଛ ଦିନକୁ ହାରାହାରି ଶହେରୁ ତିନିଶହ ମଶା ଲାର୍ଭା ଖାଇଥାଏ। ସାଧାରଣତଃ ପାଣିର ଉପର ସ୍ତରରେ ଥିବା ଖାଦ୍ୟ ଏହି ମାଛ ଖାଇଥାଏ। ତେବେ ଏହି ମାଛ ଖାଦ୍ୟ ଉପଯୋଗୀ ନୁହେଁ। ମ୍ୟାଲେରିଆ ଓ ଫାଇଲେରିଆ ରୋଗର ନିୟନ୍ତ୍ରଣ ପାଇଁ ଏହି ମଶା ଲାର୍ଭାଖିଆ ମାଛ ବର୍ଷସାରା ପାଣି ଜମି ରହୁଥିବା ସ୍ଥାନରେ ବ୍ୟବହାର କଲେ ମଶା ର ଲାର୍ଭକୁ ଖାଇ ମଶା ବଂଶ ଲୋପ କରିଥାଏ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ଗାମ୍ବୁସିଆ ମାଛ ପ୍ରଜନନ କରାଯାଇ ଜିଲ୍ଲାର ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବା ସହିତ ଗାଁ ଗହଳିରେ ଜମି ରହୁଥିବା ପାଣିରେ ଛାଡ଼ିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ।

## ବିଜେଡିର ପରିବାର ସମ୍ପର୍କ ଯାତ୍ରା ଓ କର୍ମୀ ସମ୍ମିଳନୀ



**ନାଉଗାଁ, ୩।୩(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ସାଧୁଗୋସ୍ୱାମୀ ପୀଠ ନିକଟରେ ନାଉଗାଁ ପଞ୍ଚାୟତ ବିଜେଡି ସଭାପତି ବିପିନି ବେହେରାଙ୍କ ସଭାପତିତ୍ୱରେ ପରିବାର ସମ୍ପର୍କ ଯାତ୍ରା ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜଗତସିଂହପୁର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ନାଉଗାଁ ପୂର୍ବତନ ସରପଞ୍ଚ ପ୍ରଭାସିନୀ ବେହେରା, ତପୋଧନ ସ୍ୱାଇଁ, ବିପିନି ବେହେରା, ଯୁଧିଷ୍ଠିର ସ୍ୱାଇଁ, ସାରଙ୍ଗ ପାରିମାଳ, ବିଦୁର ନାୟକ ପ୍ରମୁଖ ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ବିସ୍ମୟାନନ୍ଦ ସ୍ୱାଇଁ, ତାପସ ଦାସ, ଦେବୀପ୍ରସାଦ ପାଢୀ, ଜ୍ଞାନରଞ୍ଜନ ସ୍ୱାଇଁ, ବିଜୟ ବାରିକ ପରିଚାଳନା କରିଥିଲେ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କୁଜଙ୍ଗ,୩।୩(ସମିସ):** କୁଜଙ୍ଗ ବ୍ଲକ ରାହାମା ସ୍ଥିତ ଶାରଳା ମହାବିଦ୍ୟାଳୟରେ ଯୁକ୍ତ ତିନି ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ସୁଶ୍ରୀ ଲକ୍ଷ୍ମୀପ୍ରିୟ ମଲ୍ଲ ପ୍ରମୁଖ ଯୋଗଦେଇ ଏହି ପ୍ରଶିକ୍ଷଣ ବାଳିକାମାନଙ୍କୁ ସାହସ ଦେବା ସହ ଅସମୟରେ ଉପଯୋଗୀ ହେବ ବୋଲି ଆଶା ପ୍ରକାଶ କରି ଦୀର୍ଘ ସମୟ ଏହି ପ୍ରଶିକ୍ଷଣ ନେଇଥିବା ବାଳିକା ମାନଙ୍କୁ ସାଧୁବାଦ ଜଣାଇଥିଲେ। ପ୍ରଶିକ୍ଷିକା ରୂପେ ସୁଶ୍ରୀ ଲକ୍ଷ୍ମୀପ୍ରିୟା ବଳ ଓ ସୁଶ୍ରୀ ଶୁଭଶ୍ରୀ ଭୂୟାଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସ୍ମିତା ଦାସ ଧନ୍ୟବାଦ ଦେବା ସହ ଅଧ୍ୟାପକ ସଞ୍ଜୟ କୁମାର ଖୁଣ୍ଟିଆ , ଅଧ୍ୟାପକ ଡଃ ରାକେଶ କୁମାର କାଣ୍ଡି ଓ ଅଧ୍ୟାପିକା ପଦ୍ମିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

**ବାଲିକୁଦା,୩।୩(ସମିସ):** ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖାର ଏକ ବୈଠକ ଉପ ସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ବୋରିକିନା ପଞ୍ଚାୟତ କୋଶିଦା ନିଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସଂଘର ପୂର୍ବତନ ସଭାପତି ବଂଶୀଧର ଶତପଥୀ ମଙ୍ଗଳା ଚରଣ ପାଠ କରିଥିବା ବେଳେ ସମ୍ପାଦକ ବିଷ୍ଣୁ ଚରଣ ସ୍ୱାଇଁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ସଭାରେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୂତନ ସଦସ୍ୟ ଭାବେ ଯୋଗ ଦେଇଥିବା ସର୍ବେଶ୍ୱର ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।ଏହି ଅବସରରେ ୭୦ରୁ ଉର୍ଦ୍ଧ୍ୱ ସଦସ୍ୟ ମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇ ଥିବା ବେଳେ ସଂଗଠନ ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି,ଜଗତ ପ୍ରସାଦ ମହାନ୍ତି, ଚତୁର୍ଭୁଜ ପରିଡା,ପ୍ରିୟନାଥ ଦାସ, ଶରତ ଚନ୍ଦ୍ର ମହାନ୍ତି,ସେତୁ କୁମାର ସ୍ୱାଇଁ,ଗୋବିନ୍ଦ ଚନ୍ଦ୍ର ଦାସ,କୈଳାସ ଚନ୍ଦ୍ର ସାହୁ,ବଂଶୀଧର ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ବିଷ୍ଣୁ ଚରଣ ବାରିକ,ଚକ୍ରଧର ଷଡ଼ଙ୍ଗୀ,ଭ୍ରମରବର ପାଇଟାଳ,ବାଉରୀ ବନ୍ଧୁ ମୁଦୁଲି,ଯାଦବ ପାଢ଼ୀ, ଅନାଦି ବେହେରା,ଆର୍ତ୍ତତ୍ରାଣ ସ୍ୱାଇଁ, ଧର୍ମା ନନ୍ଦ ଦାସ, କୃଷ୍ଣଚନ୍ଦ୍ର ପଲେଇ,ଜଟାଧାରୀ ସେନାପତି, ବିଦ୍ୟାଧର ଆଚାର୍ଯ୍ୟଙ୍କ ସମେତ ୫ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। ବୁଲାକି ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ନାଉଗାଁ ବ୍ଲକରେ ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ

# ବିଜେଡିରେ ସାମିଲ ହେଲେ ବହୁ କଂଗ୍ରେସ କର୍ମୀ





**ଜଗତସିଂହପୁର,୩।୩(ସମିସ):** ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାଉଗାଁ ବ୍ଲକର ସାଧୁ ଗୋସ୍ୱାମୀ ପୀଠ ନିକଟରେ ଜଗତସିଂହପୁର ବିଜୁ ଜନତା ଦଳର ପୂର୍ବତନ ଜିଲ୍ଲା ସଭାପତି ତଥା ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ନେତୃତ୍ୱ ରେ ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଏହି ଅବସରରେ ନାଉଗାଁ ବିଜୁ ଜନତା ଦଳର ଶହ ଶହ କର୍ମୀ ଶ୍ରୀ ଦାସଙ୍କୁ ଅଲଣାହାଟର ନୂଆ ପାଟଣା ଛକ ନିକଟରୁ ବାଇକ୍ ଶୋଭାଯାତ୍ରା ରେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ନାଉଗାଁ ର ବରିଷ୍ଠ କର୍ମୀ ବିପିନ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅମରେନ୍ଦ୍ର ଦାସ, ସାମ୍ମାନୀତ ଅତିଥିଭାବେ ଜଗତସିଂହପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଜଗତସିଂହପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ନାଉଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଭାସିନୀ ବେହେରା, ରୋହିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ଧନେଶ୍ୱର ନାୟକ, କାଦମ୍ବିନୀ ସାହୁ, ଅଲଣା ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ମଲ୍ଲିକ, ଡେରିକି ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ବିଷ୍ଣୁ ଦାସ, ତରଣୀ ଜେନା, ବିଷ୍ଣୁ ବେହେରା, ଯୁଧିଷ୍ଠିର ସ୍ୱାଇଁ, ଦେବୀ ପ୍ରସାଦ ପାଢ଼ୀ, ଅଜିତ ମହାନ୍ତି, ତାପସ ଦାସ, ବିଦୁର ନାୟକ, ପବିତ୍ର ରାଉତ, ରବୀନ୍ଦ୍ର ଲେଙ୍କା, ପ୍ରଫୁଲ୍ଲ ଦାସ, ବିସ୍ମୟାନନ୍ଦ ସ୍ୱାଇଁ,ନଗେନ୍ଦ୍ର ନାଥ ସ୍ୱାଇଁ, ପ୍ରତାପ ବେହୁରା, ତିରୁଣା ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ପରିବାରକୁ ବିଜୁ ଜନତା ଦଳରେ ସାମିଲ କରିବା ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଅମରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଶିଖର ପଞ୍ଚାୟତର ଶରତ ଚନ୍ଦ୍ର ବାରିକ, ଦୀପକ ସ୍ୱାଇଁ, କରନ କାଣ୍ଡି, ସକୁଳି ଦାସ, କମଳଲୋଚନ ଦାସ, ବାବାଜୀ ଦାସ, ମାମିନା ଦାସ, ଅମର ମଲ୍ଲିକ, ଅଭିରାମ ଭୋଇ ନାଉଗାଁ ର ରମେଶ ରଥ ପ୍ରମୁଖ କଂଗ୍ରେସ ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା।

## ବଂଶୀଧର ଆଚାର୍ଯ୍ୟଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଓ ସ୍ମୃତିସଭା



**ଜଗତସିଂହପୁର,୩।୩(ସମିସ):** ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ଲଥାଙ୍ଗ ଗ୍ରାମରେ ଜନ୍ମିତ ଉପଭୋକ୍ତା ଆନ୍ଦୋଳନର ପ୍ରମୁଖ ବ୍ୟକ୍ତିତ୍ୱ ବଂଶୀଧର ଆଚାର୍ଯ୍ୟଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଓ ସ୍ମୃତି ସଭା ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସଭାରେ ପଣ୍ଡିତ ଭାବଗ୍ରାହୀ ମିଶ୍ର ସଭାପତିତ୍ୱ କରିଥିଲେ ।ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ନାୟକ ,କେଶବ ଚରଣ ଖୁଣ୍ଟିଆ, ସାହିତ୍ୟିକ ହେମନ୍ତ କୁମାର ନାୟକ, ଶରତ କୁମାର ଦାଶ, ଦେବେନ୍ଦ୍ର କୁମାର ମଲ୍ଲିକ,ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଆଚାର୍ଯ୍ୟ,ନାରାୟଣ ବିହାରୀ, ବିନୋଦ ବିହାରୀ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ।

## ବୈଧ ମାପ ବିଜ୍ଞାନକେନ୍ଦ୍ରରେ କର୍ମଚାରୀ ମରୁଡ଼ି

### ତଳିଆ କର୍ମଚାରୀ ଓ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକାରେ ବଳିପଡୁଛନ୍ତି ଖାଉଟି

**ଆଲିପିଙ୍ଗଳ,୩।୩(ସମିସ):** ଜଗତସିଂହପୁର ଜିଲ୍ଲାର ୮ଟି ବ୍ଲକ ୨ଟି ମ୍ୟୁନିସିପାଲିଟି ଆଖପାଖ ବଜାରରେ ଥିବା ଛୋଟ ବଡ଼ ଦୋକାନଗୁଡ଼ିକରେ ଓଜନ ମାପରେ ଠକେଇ ନେଇ ବାରମ୍ବାର ଅଭିଯୋଗ ହେଉଛି। ଏପରିକି ପେଟ୍ରୋଲ ଟାଙ୍କି ଡ଼ିଲର ପଏଣ୍ଟ, ସୁନାଦୋକାନୀ, ଗ୍ୟାସ ବିତରଣ କେନ୍ଦ୍ରରେ ଠକେଇ, ସରକାରୀ ଓ ବେସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ସମେତ ମାଛମାଂସ ଦୋକାନରେ ସବୁଠୁ ବଡ଼ ଧରଣର ଠକେଇ ହେଉଛି। ଅଭିଯୋଗ ପରେ ମଧ୍ୟ ଓଜନ ମାପ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ଶୁନ। ଏନେଇ ଜଗତସିଂହପୁର ଗାନ୍ଧୀଛକଠାରେ ଥିବା ବୈଧମାପ ବିଜ୍ଞାନ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଗ୍ରାହକମାନେ ଯିବାବେଳେ ଅଧିକାଂଶ ସମୟ ଏଠାରେ ତାଲା ପଡିଥାଏ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲାର ସମସ୍ତ ବ୍ଲକ, କୁଜଙ୍ଗ, ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ, ନାଉଗାଁ, ବାଲିକୁଦା ଆଦି ବିଭିନ୍ନ ବଜାରରେ ଥିବା ଛୋଟବଡ଼ ବ୍ୟବସାୟୀମାନେ ଓଜନ ମାପରେ ବଡ଼ଧରଣର ଠକେଇ କରୁଥିବା ଅଭିଯୋଗ ହେଉଛି। ହାତଗଣତି କେତେକ ବ୍ୟବସାୟୀଙ୍କୁ ଛାଡ଼ିଦେଲେ ସମସ୍ତ ଦୋକାନରେ ଏହି ଠକେଇ ହେଉଛି।



ବିଭିନ୍ନ ଦ୍ରବ୍ୟର ମାପ ଓ ଓଜନ ନିମନ୍ତେ ବ୍ୟବହୃତ ହେଉଥିବା ଓଜନ ଯନ୍ତ୍ର ଓ ଉପକରଣ ଗୁଡ଼ିକର ଯାଞ୍ଚକୁ ବ୍ୟାପକ କରି ଖାଉଟିମାନଙ୍କୁ ଠକାମୀରୁ ବଞ୍ଚାଇବା ପାଇଁ ରାଜ୍ୟରେ ଲିଗାଲ ମେଟ୍ରୋଲୋଜି ବିଭାଗ ରହିଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ଏହାର କାର୍ଯ୍ୟ ଶୂନ୍ୟ। ସରକାରଙ୍କ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ବିଭାଗୀୟ ଅଧିକାରୀ ମାନେ ହେଡକ୍ୱାର୍ଟର ଛାଡ଼ି କଟକ,ଭୁବନେଶ୍ୱରରେ ରହୁଥିବା ବେଳେ ତଳିଆ କର୍ମଚାରୀ ଏହାର ଫାଇଦା ନେଉଥିବା ଅଭିଯୋଗ ହେଉଛି। ଫଳରେ ଅଧିକାଂଶ ଦିନ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଏହା ଉପରେ ବିଭାଗୀୟ ଉଚ୍ଚ ପଦସ୍ଥଅଧିକାରୀ ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟାୱରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ଏସମ୍ପର୍କରେ ବିଭାଗୀୟ ଅଧିକାରୀ ଗୌରାଙ୍ଗ ଚରଣ ଜେନାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଜଣେ ଇନ୍ସପେକ୍ଟର ପାରାଦ୍ୱୀପରେ ଅଛନ୍ତି। ଜଗତସିଂହପୁର ଇନ୍ସପେକ୍ଟର ପଦବୀ ଖାଲି, ଜଣେ କର୍ମଚାରୀ ଏକା ରହୁଥିବା ବେଳେ ଅନ୍ୟ କାମରେ ଯାଉଥିଲେ କାର୍ଯ୍ୟାଳୟ ତାଲା ପଡିରହୁଛି। କର୍ମଚାରୀ ନଥିବାରୁ ମୁଁ ପାରାଦୀପରୁ କଟକ ଯିବାକୁ ପଡୁଛି, ସେଥିପାଇଁ ବାଧା ଉପୁଜୁଛି। ନିଜସ୍ୱ ଘର ନାହିଁ ରାଜ୍ୟସରକାର ନୂତନ ଜାଗା ୧୩ ଦିନ ହେବ ପଟା ପାଇଛୁ ଖୁବ୍‌ଶୀଘ୍ର ନିଜସ୍ୱ ଘର ହୋଇଯିବ ବୋଲି କହିଥିଲେ।

## ଶିକ୍ଷକ ନେତା ଦ୍ୱାରିକାନାଥ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି




**ତିର୍ତ୍ତୋଲ, ୩।୩(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନାଉସୀରାସ୍ଥିତ ଆଖଣ୍ଡଳ ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଦିବଙ୍ଗତ ଶିକ୍ଷକ ନେତା ଦ୍ୱାରିକାନାଥ ନାୟକଙ୍କ ସ୍ମୃତିଚାରଣ ସଭା ଅବସରପ୍ରାପ୍ତ ଗ୍ରାନ୍ଥଗାରିକ ପରମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଶିକ୍ଷକ ନେତା ଅକ୍ଷୟ ଦାସ,ଝଙ୍କଡ ସାହିତ୍ୟ ସଂସଦର ସମ୍ପାଦକ ଗୋଲୋକ ବିହାରୀ ପଲାଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଝୁଲରାମ ଦାସ, ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ଡ.ପବିତ୍ର କୁମାର କର,ଡ.ପିତାମ୍ବର ରାଉତ, ପ୍ରସନ୍ନ କୁମାର କର,ମନମୋହନ କାନୁନଗୋ,ଅବସରପ୍ରାପ୍ତ ତିର୍ତ୍ତୋଲ କଲେଜ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ କୁମାର ସାମନ୍ତରାୟ,ସିଆରସିସି ଅକ୍ଷୟ କୁମାର ନାୟକ,ଯୁବ ସମାଜସେବୀ ବିବେକାନନ୍ଦ ହୋତା, ଅଧ୍ୟାପକ ଅଜିତ କୁମାର ସ୍ୱାଇଁ, ପରିଚାଳନା କମିଟି ସଭାପତି ସନ୍ତୋଷ ମିଶ୍ର ପ୍ରମୁଖ ଯୋଗଦେଇ ଶିକ୍ଷକ ନେତା ସ୍ୱର୍ଗତ ନାୟକ ଜଣେ ସ୍ନେହୀ, ଛାତ୍ରବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷକ ପ୍ରତାପ ଚନ୍ଦ୍ର ଦାସ ଓ ସାନଭାଇ ରାମଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିମ୍ନ ମାଧମିକ ଶିକ୍ଷକ ସଂଘ ସମ୍ପାଦକ ତଥା ବିଦ୍ୟାଳୟ ଆଲୁମନି କମିଟି ସଭାପତି ସୁରେନ୍ଦ୍ର କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ଦାଶ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସଭ୍ୟା, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବ୍ଲକର ଶିକ୍ଷକ ବୃନ୍ଦ ଓ ବିଦ୍ୟାଳୟର ପୁରାତନ ଛାତ୍ର ମାନେ ଯୋଗଦେଇଥିଲେ।

## ଠାକୁର ଅଭିରାମ ପରମହଂସଦେବଙ୍କ ବାର୍ଷିକ ଉତ୍ସବ



**କୁଜଙ୍ଗ,୩।୩(ସମିସ):** ଜଗଦ୍‌ଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ୨୩ତମ ବାର୍ଷିକ ଉତ୍ସବ ଓ ଦୁଇଦିନିଆ ସମ୍ମିଳନୀ ଆଞ୍ଚଳିକ ଭକ୍ତ ଗୋଷ୍ଠୀ ଆନୁକୂଲ୍ୟରେ ଓକଳା ଗ୍ରାମରେ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବାବାଜୀ ନୀଳମଣି ଦାସ, ବାବାଜୀ ହରିଶଙ୍କର ଦାସ ଓ ବାବାଜୀ ସୁଧାନନ୍ଦ ଦାସ ପ୍ରମୁଖଙ୍କ ମାର୍ଗଦର୍ଶନରେ ହୋଇଥିବାବେଳେ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଅନୁଷ୍ଠାନର ସମ୍ପାଦକ ପ୍ରାଧ୍ୟାପକ ଉତ୍ତମ କୁମାର ଦାସଙ୍କ ପୌରୋହିତ୍ୟରେ ଏହି ଦୁଇଦିବସୀୟ କାର୍ଯ୍ୟକ୍ରମରେ ଠାକୁରଙ୍କ ପୂଜା, ଷୋଡଶ ଉପଚାର ପୂଜା ସହ ଅନ୍ୟାନ ବିଧି ଯଥାରୀତ ଅନୁଷ୍ଠିତ ହୋଇଛି। ଏ ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ କୁଇଜ୍, ଭକ୍ତି ସଂଗୀତ, ନୃତ୍ୟ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ଭାଗନେଇ ନେବା ସହ ପୁରସ୍କୃତ ହୋଇଥିଲେ। ସନ୍ଧ୍ୟାରେ ହରିଶଙ୍କା ବାବାଙ୍କ ଦିବ୍ୟ ପ୍ରବଚନ ସହ ପରିବେଶ ଆଧ୍ୟାତ୍ମିକମୟ ହୋଇ ଉଠିଥିବାବେଳେ ବିଭିନ୍ନ ସଂଗୀତର ମୂର୍ଚ୍ଛନାରେ ପରିବେଶ ଆନନ୍ଦମୟ ହୋଇ ଉଠିଥିଲା। ଏ ଅବସରରେ ପୋତାନଈ ସରପଞ୍ଚ ବ୍ରଜକିଶୋର ମହାରାଜ ଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଦୁଇଦିନିଆ ଉତ୍ସବକୁ ଆଇନଜୀବୀ ସୌଭାଗ୍ୟ ଦାସ, ଡଃ ହେମନ୍ତ କୁମାର ମୁଦୁଲି, ବିନୋଦ ବିହାରୀ ମୁଦୁଲି, କେତନ ମୁଦୁଲି, ନରୀ ସେଠୀ, ଅନନ୍ତ କିଶୋର ଆଚାର୍ଯ୍ୟ, ଶିବ ବିହାରୀ, ଅନୁଷ୍ଠାନର ସଭାପତି ଧନେଶ୍ୱର ଦାସ, କ୍ରିଷ୍ଣା ସ୍ୱାଇଁ, ଉଷା ମୁଦୁଲି, ପୂର୍ଣ୍ଣ ବାରିକ, ସୁକାନ୍ତ ଦାସ, ଦୁର୍ଗାଚରଣ ମୁଦୁଲି ଓ ରାମଚନ୍ଦ୍ର ଓଝା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜଗତସିଂହପୁରରେ ପଲ୍‌ସ ପୋଲିଓ ଟିକାଦାନ ଶୁଭାରମ୍ଭ





**ଜଗତସିଂହପୁର,୩।୩(ସମିସ)**

ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଲସ ପୋଲିଓ ଟୀକାଦାନ କାର୍ଯ୍ୟକ୍ରମ ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଜନ୍ମ ରୁ ୫ ବର୍ଷର ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୩,୪ ଏବଂ ୫ ତାରିଖ ପର୍ଯ୍ୟନ୍ତ ସାରା ଜିଲ୍ଲାରେ ରେ ଜନ୍ମରୁ ୫ ବର୍ଷର ଶିଶୁଙ୍କୁ ପ୍ରଦାନ କରାଯିବ। ଜିଲ୍ଲାପାଳ ଏହି ଅଭିଯାନର ସଫଳ ରୂପାୟନ ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହଯୋଗ କାମନା କରିବା ସହ ବ୍ଲକ୍ ସ୍ତରରେ ଏହାର ସଫଳ ପରିଚାଳନା କରି ଜିଲ୍ଲାକୁ ପୋଲିଓ ମୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପଲ୍ସ ପୋଲିଓ କାର୍ଯ୍ୟକ୍ରମ ରେ ସମୁଦାୟ ୧,୦୪,୧୩୪ ଜଣ ଜନ୍ମ ରୁ ୫ ବର୍ଷ ବୟସର ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଏଥିପାଇଁ ମୋଟ ୫୫୫ ବୁଥ୍, ୨୨୨୦ ଜଣ ପଲସ ପ୍ରଦାନକାରୀ (ଭାକସିନେଟର), ୧୧୪ ଜଣ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲ୍ଲାର ମୋଟ ୨,୫୧,୮୨୮ ଟି ଘରୁ ଜନ୍ମ ରୁ ୫ ବର୍ଷର ସମସ୍ତ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଖୁଆଯିବ। ଏଥିପାଇଁ ଟ୍ରାନଜିଟ ପଏଣ୍ଟ ୩୪ ଥିବା ବେଳେ ୬୮ ଜଣ ଭାକସିନେଟର,୨୧ ଟି ମୋବାଇଲ ଟିମ୍ ଏବଂ ମୋବାଇଲ ଟିମ୍ ପାଇଁ ୪୨ ଜଣ ଭାକସିନେଟର ଅଛନ୍ତି। ବ୍ଲକ ସ୍ତରରେ ବିଡିଓଙ୍କ ଦ୍ୱାରା ବ୍ଲକ୍ ସ୍ତରୀୟ ଟାସ୍କ ଫୋର୍ସ ସଭା କରାଯାଇଛି। ସୂଚନା ପ୍ରଚାର ପ୍ରସାର ନିମନ୍ତେ ପ୍ରତ୍ୟେକ ପଲସ୍ ପୋଲିଓ ବୁଥ୍ ପାଇଁ ୨ ଟି ବ୍ୟାନର ଓ ୪ ଟି ପୋଷ୍ଟର ପ୍ରଦାନ କରାଯାଇଛି। ଏହା ସହିତ ବ୍ଲକ ସ୍ତରରେ ମାଇକିଂ କରାଯିବାର ବ୍ୟବସ୍ଥା କରାଯାଇଛି ।ଏହି କାର୍ଯ୍ୟକ୍ରମର ଅଧିକାଂଶ ଭାକସିନେଟର ହେଉଛନ୍ତି ଆଶା ଏବଂ ଅଙ୍ଗନବାଡି କର୍ମୀ। ଏହି ଜିଲ୍ଲା ସ୍ତରୀୟ ଉଦଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା କ୍ଷେତ୍ରବାସୀ ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରମୋଦ କୁମାର ବାରିକ,ମେଡିକାଲ ସୁପେରିଣ୍ଟେଣ୍ଡେଣ୍ଟ ଡା. ଅଜୟ କୁମାର ସ୍ୱାଇଁ,ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କନ୍ସଲଟାଣ୍ଟ ସରୋଜ କୁମାର ପାଣିଗ୍ରାହୀ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରଏସଏମ.ଓ ଡା. ଦୀପକ କୁମାର କର, ଏପିଡେମିଓଲୋଜିଷ୍ଟ ଡା ସ୍ମୃତିରଞ୍ଜନ ପଣ୍ଡା , ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ନମିତା ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ମହିଳା ଓ ଶିଶୁ ବିକାଶ ବିଭାଗରୁ ପ୍ରୋଗ୍ରାମ ଅଫିସର ଅଂଶୁପା ସାହୁ, ଡିପିଏମ୍ ଚକ୍ରଧର ଜେନା,ଉପରିଚାଳକ ସୁକାନ୍ତ କୁମାର ପ୍ରଧାନ, ନୀଳ ମାଧବ ରଥ, ଏଡିପି ଏଚ୍‌ସି ଓ ସଚଳା ମହାନ୍ତି, ସ୍ୱାସ୍ଥ୍ୟ ମିଶନ ତରଫରୁ ଅମିତା ପଣ୍ଡା, ପାର୍ଥ ସାରଥି କରଶର୍ମା ,ରାଜେଶ କୁମାର ପତି, ସ୍ୱସ୍ତି ମହାନ୍ତିଙ୍କ ସମେତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଫିଲଡ଼ ମନିଟର୍ ପ୍ରମୁଖ ଉପସ୍ଥିତ ଥିଲେ।

### ବଞ୍ଚାଇଦେଲା ବିଜୁ ସ୍ୱାସ୍ଥ୍ୟ କାର୍ଡ

# ଗୋଡ଼ ହରାଇବାରୁ ବର୍ତ୍ତିଗଲେ ଜଳଖିଆ ଦୋକାନୀ







**ଗରଦପୁର,୩।୩(ସମିସ):**

ନବୀନ ସରକାର ମୋତେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଦେଇ ଜୀବନ ବଞ୍ଚାଇଛନ୍ତି। ମୋ' ଭଳି ଜଣେ ଗରିବ ନିଷ୍ପେସିତ ଗୋଡ ହରାଇବାରୁ ଆଜି ବର୍ତ୍ତିଯାଇଛି। ଗରଦପୁର ବ୍ଲକ ସମ୍ମୁଖରେ ଏକ ଛୋଟ ଜଳଖିଆ ଦୋକାନ କରିଛି। ସେଥିରୁ ଯାହା ରୋଜଗାର ହୁଏ, ମୋ' ପରିବାର ଚଳିଯାଏ। ହେଲେ ଟଙ୍କାଟିଏ ବଞ୍ଚେ ନାହିଁ। ଏମିତିକି ପୁଅ ପାଠ ପଢ଼ିବାଠାରୁ ଆରମ୍ଭ କରି ଘରର ବିଭିନ୍ନ ସମସ୍ୟା ଯୋଗୁଁ ଅନେକ ଟଙ୍କା ଧାର କରିଛି। ଗତବର୍ଷ ଡିସେମ୍ବର ୨୮ ତାରିଖ ରାତିରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ହଠାତ ଏକ ଦ୍ରୁତ ଗତିରେ ବାଇକ୍ ମୋତେ ପିଟି ଦେଇ ଚାଲିଗଲା। ରକ୍ତାକ୍ତ ଅବସ୍ଥାରେ ସେଠାରେ ବେହୋସ ହୋଇ ତଳେ ପଡ଼ି ରହିଲି। ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚେତା ଆସିବା ପରେ ଡାକ୍ତର ଡାହାଣ ଗୋଡ ହାଡ ଚୁନା ହୋଇଯାଇଥିବା କହିଥିଲେ। ଏହାପରେ ସେଠାରୁ କଟକ ସ୍ଥାନାନ୍ତର ହୋଇଥିଲି। ପାଖରେ ଟଙ୍କାଟିଏ ନ ଥିବାବେଳେ ଏତେ ଟଙ୍କା କେଉଁଠୁ ଆଣିବି, ସେହି ଚିନ୍ତାରେ ରହିଥାଏ। ଏହି ସମୟରେ କଟକ ସ୍ନେହା ନର୍ସିଂହୋମରେ ପହଞ୍ଚିଥିଲୁ। ସେଠାରେ ୧୫ ଦିନ ରଖାଯାଇ ଚିକିତ୍ସା କରାଯାଇଥିଲା। ଡାହାଣ ଗୋଡର ଅପରେସନ କରାଯିବା ସହ ପ୍ଲେଟ ପଡ଼ି ସ୍କ୍ରୁ ଭିଡା ହେଲା। ମୋ' ଗୋଡ ଆଉ ଭଲ ହେବ ନାହିଁ ଭାବିଥିଲି। ହେଲେ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଅପରେସନଠାରୁ ଆରମ୍ଭ କରି ପ୍ଲେଟ ପର୍ଯ୍ୟନ୍ତ ସବୁକିଛି ମାଗଣାରେ ହୋଇଗଲା। ଏବେ ମୁଁ ସୁସ୍ଥ ହୋଇ ଘରକୁ ଫେରି ପୁଣିଥରେ ଦୋକାନ ଆରମ୍ଭ କରିପାରିଛି। ଆଜି ଯଦି ମୋ ପାଖରେ କାର୍ଡ ନ ଥାନ୍ତା ତେବେ ଚିକିତ୍ସା ନ ପାଇ ମରିଯାଇଥା'ନ୍ତି। ହେଲେ ବିଜୁ କାର୍ଡ ମୋ' ଜୀବନ ବଞ୍ଚାଇ ଦେଲା। ହେଲେ ନବୀନ ସରକାର ମୋ ଜୀବନ ବଞ୍ଚାଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ୨୯ ହଜାର ଟଙ୍କା ଖର୍ଚ୍ଚ କରି ଏକ ବେସରକାରୀ ମେଡିକାଲରେ ଉତ୍ତମ ସେବା ପାଇ ଆଜି ଦ୍ୱିତୀୟ ଜନ୍ମ ପାଇଲି। ଦୁର୍ଘଟଣା ପରେ ଆଉ ଭଲରେ ବଞ୍ଚି ପାରିବି ନାହିଁ ବୋଲି ଭାବି ନେଇଥିଲି। ହେଲେ ଆଜି ସୁସ୍ଥ ହୋଇଯାଇଛି। ସୁସ୍ଥ ହୋଇ ଘରକୁ ଫେରିଥିବା ଜଣେ ବ୍ୟକ୍ତି ଏପରି କଥା କହିଛନ୍ତି। ଆମେ କହୁଛୁ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଧୀନ ବ୍ରହ୍ମପୁର ଗ୍ରାମର ୪୨ ବର୍ଷୀୟ ସୋମନାଥ ସାହୁ ( ମିଟୁଆ) ଙ୍କ କଥା।

ଏଭଳି ସରକାର ପୂର୍ବରୁ କେବେ ଦେଖି ନ ଥିଲେ ବୋଲି ସୋମନାଥ କହିଛନ୍ତି। ନବୀନ ବାବୁଙ୍କ ଦୀର୍ଘାୟୁ କାମନା କରିବା ସହ ପ୍ରଭୁ ବଳଦେବଜୀଉଙ୍କ ନିକଟରେ ସେ ପ୍ରାର୍ଥନା କରୁଥିବା କହିଛନ୍ତି। ତେବେ ଏହି ଘଟଣାରୁ ସ୍ପଷ୍ଟ ପ୍ରମାଣିତ ଗରିବଙ୍କ ପାଇଁ ସଂଜୀବନୀ ପାଲଟିଛି ବିଏସକେୱାଇ କାର୍ଡ। ବିନା ଟଙ୍କାରେ ମରଣ ମୁହଁରୁ ଅସହାୟ ମୁକ୍ତି ପାଉଛନ୍ତି। ସରକାରଙ୍କ ଏହି ବିଏସକେୱାଇ କାର୍ଡ ଏବେ ସାରା ଦେଶରେ ମଡେଲ ପାଲଟିଛି। ଦରିଦ୍ର ନିଷ୍ପେସିତଙ୍କ ପାଇଁ ବରଦାନ ପାଲଟିଛି। ଯେକୌଣସି ରୋଗ ହେଲେ ବିଏସକେୱାଇ ଏଟିଏମ କାର୍ଡ ନେଇ ହସ୍ପିଟାଲରେ ରୋଗୀ ପହଞ୍ଚି ସୁସ୍ଥ ହୋଇ ଘରକୁ ଫେରୁଛନ୍ତି। ଲୋକଙ୍କ ଚିକିତ୍ସାଜନିତ ଆର୍ଥିକ ଚିନ୍ତା ଦୂର କରିବା ସହ ସେମାନଙ୍କ ଜମି ବାଡ଼ି, ଅଳଙ୍କାର ସବୁ ସୁରକ୍ଷିତ ରହିପାରୁଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ବହୁମୂଲ୍ୟ ଜୀବନ ସୁରକ୍ଷିତ ରହୁଛି। ଦୈନିକ ଶହ ଶହ ରୋଗୀ ନିର୍ଭୟରେ ବେସରକାରୀ ମେଡିକାଲରୁ ଉନ୍ନତମାନର ଚିକିତ୍ସା ପାଇପାରୁଥିବା ଦେଖିବାକୁ ମିଳିଛି। ସାଧାରଣରେ ଏହି କାର୍ଡକୁ ପ୍ରଶଂସା କରାଯାଇଛି। ଏହିକାର୍ଡ ମାଧ୍ୟମରେ ଅନେକ ଗରିବ ରୋଗୀ ମାଗଣା ଚିକିତ୍ସା ଦ୍ୱାରା ଉପକୃତ ହେଉଥିବା ଫଳରେ କାର୍ଡ ଏବେ ବେଶ୍ ଆଦୃତ ହୋଇଛି।

## ବିଦ୍ୟାଳୟ କ୍ରୀଡ଼ା ସଂଗଠନର ସମ୍ବର୍ଦ୍ଧନା ଉତ୍ସବ

ରାଜନଗର, ୩।୩(ସମିସ): ରାଜନଗର ବିଦ୍ୟାଳୟ କ୍ରୀଡା ସଂଗଠନର ସମ୍ବର୍ଦ୍ଧନା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ଜରିମୂଳସ୍ଥ ସାବିତ୍ରୀ ଦେବୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜନଗର ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଅନିଲ କୁମାର ବଳ, ଓଡିଆ ବିଭାଗର ଅଧ୍ୟାପକ ରତ୍ନାକର ନାୟକ, ରତ୍ନାକର ନାୟକ ମୁଖ୍ୟବକ୍ତା, ବଡପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ କୁମାର ରାଉତ, ବୀଣାପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ସାମନ୍ତରାୟ, ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀରଣ ମଣ୍ଡଳ, ରାଜନଗର ବ୍ଲକ ବିଦ୍ୟାଳୟ କ୍ରୀଡା ସଂଗଠନର ଜୋନାଲ ସଂପାଦକ ସୀତାକାନ୍ତ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଭାତ କୁମାର ମିଶ୍ର, ରାଧାରମଣ ବଳ, ପଞ୍ଚାନନ ବିଶ୍ୱାଳ, ରଘୁନାଥ ସ୍ୱାଇଁ, ଜନକର ରାଉତ, ବାବାଜୀ ଚରଣ ରାଉତ, ବ୍ରହ୍ମାନନ୍ଦ ରାଉତ, ମାନସ କୁମାର ପରିଡା, ବିଭାସ ରାଉତରାୟ, ଦର୍ପନାରାୟଣ ନାୟକ, ଦର୍ଶନ କୁମାର ଦାସ, ସୁରେନ୍ଦ୍ର କୁମାର ସାହୁ, ସର୍ବେଶ୍ୱର ମହାନ୍ତି, ସ୍ୱର୍ଣ୍ଣଲତା ସାହୁ, ସରୋଜ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ରଂଜନ କୁମାର ରାଉଳ ଧନ୍ୟବାଦ ଦେଇଥିଲେ।



## ଦରଢ଼ାରେ ସ୍ୱାସ୍ଥ୍ୟ ସେବା ଶିବିର



ବିରିଡ଼ି,୩।୩ (ସମିସ): ବିରିଡ଼ି ବ୍ଲକ ଦରଢ଼ା ଗ୍ରାମର ମା' ଦୁଲଦେବୀ ସାଂସ୍କୃତିକ ସମନ୍ୱୟ ସମିତି ଆନୁକୂଲ୍ୟରେ ଓ କଟକ ନୂଆବଜାରର ଚିତ୍ରା ହାର୍ଟ ହସ୍ପିଟାଲ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ଦିନିକିଆ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର ରବିବାର ପୂର୍ବାହ୍ନରେ ସ୍ଥାନୀୟ ରାଜୀବ ସେବା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏସସିବି ମେଡିକାଲ କଲେଜର ହୃଦରୋଗ ଓ ମେଡିସିନ ବିଭାଗର ବିଶେଷଜ୍ଞ ଡାକ୍ତର ପ୍ରିୟରଞ୍ଜନ ପରିଡ଼ା, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରଞ୍ଜିତା ଦାସ, ହୃଦ୍‌ରୋଗ ବିଶେଷଜ୍ଞ ଡା, ଶୁଭସ୍ମିତ ସାହୁ, ପ୍ଲାଷ୍ଟିକ ସର୍ଜନ ଡା. ବିଷ୍ଣୁପଦ ନାୟକ, ଛାତିଓ ଯକ୍ଷ୍ମା ବିଶେଷଜ୍ଞ ଡା. ପ୍ରଦୀପ୍ତା ବିଶ୍ୱାଳ, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଶେଷଜ୍ଞ ଡା. ସମ୍ବିତ ବେହେରା , ନ୍ୟୁରୋଲୋଜି ବିଶେଷଜ୍ଞ ଡା. ନରସିଂହ ପ୍ରଧାନ, ଆଇସିୟୁ ବିଶେଷଜ୍ଞ ଡା. ରାମେଶ୍ୱର ଦାଶ ପ୍ରମୁଖ ଡାକ୍ତର ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ଦେବା ସହ ଆବଶ୍ୟକ ମାଗଣା ଔଷଧ ଯୋଗାଇ ଦେଇଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ପହଞ୍ଚି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ନେଇଥିଲେ। ପୂର୍ବତନ ସରପଞ୍ଚ ଧନଞ୍ଜୟ ମହାପାତ୍ରଙ୍କ ସଞ୍ଚାଳନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମିତିର ସଭାପତି କ୍ଷୀରୋଦ ମାଝି, ସମ୍ପାଦକ ଭାସ୍କର ରାଉଳ, କୋଷାଧ୍ୟକ୍ଷ ରମେଶ ମହାପାତ୍ର ପରିଚାଳନା କରିଥିବାବେଳେ ଲକ୍ଷ୍ମଣ ପାତ୍ର, ନାରାୟଣ ବେହେରା, ଅଶୋକ ପ୍ରଧାନ, ଯୋଗେନ୍ଦ୍ର ବେହେରା, ପ୍ରଭାକର ମାଝି, ବିଜୟ ମହାପାତ୍ର, ଗଗନ ମହାପାତ୍ର, ରମେଶ ପ୍ରଧାନ, ଭଗବାନ ମହାପାତ୍ର ଓ ଅନ୍ୟମାନେ ସହାୟତା କରିଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବିରିଡି,୩।୩(ସମିସ): ପୂରଣ ଉଚ୍ଚ ବିଦ୍ୟାଳୟର ସିଆରସିସି ରଞ୍ଜନ କୁମାର ରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାଗଲପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ଙ୍କସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିରିଡି ବ୍ଲକ ଶିକ୍ଷାଧିକାରୀ ସୌଦାମିନୀ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ସର୍ବେଶ୍ୱର ବିଶ୍ୱାଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶରତ ଚନ୍ଦ୍ର ରାଉତ ରାୟ, ବିଆରସିସି ରେଣୁକା ନନ୍ଦ, ଅତିରିକ୍ତ ଶିକ୍ଷାଧିକାରୀ ପ୍ରକାଶ ରଞ୍ଜନ ଦାଶ, ଶିକ୍ଷାବିତ୍ ଅଲେଖ ଚରଣ ବେହେରା ଓ ରବୀନ୍ଦ୍ର ନାଥ ଦାସ, ପରିଚାଳନା କମିଟିର ସଭାପତି ସୌମ୍ୟ ରଞ୍ଜନ ଭୋଇ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ରଞ୍ଜନ ରାୟଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରିଥିଲେ। ପରେ ପରେ ତାଙ୍କୁ ମାନପତ୍ର ଉପଢୌକନ, ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାଜନଗର ବ୍ଲକରେ ୯୯ ପ୍ରତିଶତ ପୋଲିଓ ବୁନ୍ଦା ପ୍ରଦାନ

ରାଜନଗର, ୩।୩(ସମିସ): ରାଜନଗର ବ୍ଲକରେ ଆଜି ୯୯ ପ୍ରତିଶତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। କରୋନା ମହାମାରୀ ପରେ ଆଜି ପ୍ରଥମଥର ପାଇଁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ରାଜନଗର ବ୍ଲକର ୮୫ଟି ସେଣ୍ଟରରେ ୧୩ ହଜାର ୫୮୨ ଶିଶୁଙ୍କୁ ଏହି ବୁନ୍ଦା ପ୍ରଦାନ କରାଯାଇଛି। ଅର୍ଥାତ୍ ରାଜନଗର ବ୍ଲକରେ ୯୯ ପ୍ରତିଶତ ଶିଶୁ ଆଜି ପୋଲିଓ ବୁନ୍ଦା ଖାଇଛନ୍ତି। ୮୫ଟି ସେଣ୍ଟର ସହିତ ରାଜନଗର ବସ୍‌ଷ୍ଟାଣ୍ଡ, ଗୁପ୍ତି ଘାଟ ଓ ଖୋଲା ଘାଟ ନିକଟରେ ପର୍ଯ୍ୟଟକ ଓ ପଥଚାରୀଙ୍କ ସହିତ ଆସିଥିବା ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀରଂଜନ ମହାନ୍ତିଙ୍କ ସହିତ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ୮୫ଟି ସେଣ୍ଟରରେ ହେଲ୍‌ଥ ୱାର୍କର ଫିମେଲ ୨୫ ଜଣ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ୧୦ ଜଣ, ଏଏନଏମ, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ।



### ଏଲ୍‌ଇଡି ଲଗାରେ ଅନିୟମିତତା ଘଟଣା

# ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ ସ୍ୱତନ୍ତ୍ର ଟିମ୍ କରିବ ତଦନ୍ତ

ଗରଦପୁର,୩।୩(ସମିସ): ଗତ କିଛିଦିନ ପୂର୍ବେ ଗରଦପୁର ବ୍ଲକର ସମସ୍ତ ପଞ୍ଚାୟତରେ ହୋଇଯାଇଥିବା ପଞ୍ଚାୟତସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମ ଶେଷ ହେବା ପରେ ସେହି କାର୍ଯ୍ୟକ୍ରମ ବାବଦରେ ଆସିଥିବା ଅର୍ଥ ରାଶିକୁ ହରିଲୁଟ୍ କରିବା ପାଇଁ ବ୍ଲକର କିଛି ଅଧିକାରୀ ଯୋଜନା କରିଥିଲେ। ଆସିଥିବା ୩ ଲକ୍ଷ ଟଙ୍କା ଅନୁଦାନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ନ କରି ସେହି ଅର୍ଥରୁ ମାତ୍ର ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ କରି ବାକି ଦେଢ଼ ଲକ୍ଷ ଟଙ୍କା ନିଜ ପକେଟରେ ପୂରାଇବା ପାଇଁ ବହୁ ଚେଷ୍ଟା କରିଚାଲିଥିଲେ। ତେବେ ଏହି ଦୁର୍ନୀତିଖୋର ଅଧିକାରୀଙ୍କ କଳା କାରନାମା ସମ୍ପର୍କରେ ଜଣାପଡ଼ିବା ପରେ ଏବେ ହରଡ଼ଘଣାରେ ପଡ଼ିଛି ବ୍ଲକ୍ ପ୍ରଶାସନ। ଏ ସମ୍ପର୍କିତ ଖବର ଦୈନିକ ଖବରକାଗଜ 'ସକାଳ'ରେ ବାରମ୍ବାର ପ୍ରକାଶିତ ହେବା ପରେ ଦୁର୍ନୀତି ପାଇଁ ପ୍ରୟାସ କରୁଥିବା ଯୋଜନା ଶେଷରେ ଫସର ଫାଟିଯାଇଛି। ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଏହାର ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗରଦପୁର ବ୍ଲକର ୧୮ ପଞ୍ଚାୟତରୁ ଏକମାତ୍ର ଗରଦପୁର ପଞ୍ଚାୟତ ଏଲଇଡି ଲଗାଇବା ବାବଦରେ ୨୫ ହଜାର ଟଙ୍କା ଖର୍ଚ୍ଚ କରିଥିବାବେଳେ ଅନ୍ୟ ୧୭ ପଞ୍ଚାୟତରେ ସେହି ସମାନ କାର୍ଯ୍ୟ ବାବଦକୁ ୮୦ ହଜାର ଟଙ୍କା ଖର୍ଚ୍ଚର ଭାଉଚର୍ ଦେବାକୁ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଥିଲା। ସବୁଠୁ ବଡ଼କଥା ହେଉଛି କିଛି ଅଧିକାରୀ ଏହି କାର୍ଯ୍ୟକ୍ରମରେ ବ୍ୟବହୃତ ସରଞ୍ଜାମ ଓ ଖାଦ୍ୟ ବାବଦରେ ଆସିଥିବା ଅର୍ଥରୁ କମ୍ ଖର୍ଚ୍ଚ କରି ନିଜେ କିଭଳି ଅଧିକ ଲାଭ ପାଇବେ ସେନେଇ ବହୁ ଚେଷ୍ଟା ଚଳାଇଥିଲେ। ଏସବୁ ଜଣାପଡିଯିବା ପରେ ନିଜେ ବିଡିଓ ଜିପିଓଙ୍କୁ ଡାକି ତାଗିଦ୍ କରିବା ସହିତ ସମସ୍ତ ପଞ୍ଚାୟତର ଖର୍ଚ୍ଚର ହିସାବ ମାଗିଥିଲେ। ଏବେ ଏହି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିଥିବା ଜଣାପଡିଛି। କେତେଜଣ ବୁଦ୍ଧିଜୀବୀ ଏନେଇ ଅଭିଯୋଗ କରିବା ପରେ ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଛି। ସୂଚନା ଅନୁସାରେ ଖୁବଶୀଘ୍ର ଏକ ସ୍ୱତନ୍ତ୍ର ଟିମ୍ ଏହି ହରିଲୁଟ ଘଟଣାର ତଦନ୍ତ କରିବ। ଲୁଟ୍ ପାଇଁ ଯୋଜନା କରିଥିବା ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି।

### ପୂର୍ବରୁ ଜିପିଓଙ୍କୁ ତାଗିଦ କରିଥିଲେ ବିଡିଓ

### ଭାଟେଣୀରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

## 'ପରିବେଶ ସନ୍ତୁଳନରେ ବନ୍ୟପ୍ରାଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ମହାକାଳପଡ଼ା, ୩।୩ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତର ଭାଟେଣୀଠାରେ ରବିବାର ବିଶ୍ୱ ବନ୍ୟ ପ୍ରାଣୀ ଦିବସ ପାଳିତ ହୋଇଛି। ଡବ୍ଲ୍ୟୁଡବ୍ଲ୍ୟୁଏଫ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ରେଞ୍ଜ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରୋଜେକ୍ଟ ସ୍ୱରାଜ ସଂଗଠନର ଯୁଗ୍ମସମ୍ପାଦିକା ପୁଷ୍ପା ଜି, ସୁକାନ୍ତିଲତା ମହନ୍ତ, ରୀତା ମଣ୍ଡଳ, ସିଆରସିସି ସୁବାସ ମାହାଳି, ଶିକ୍ଷକ ଯୁଗଳ କିଶୋର ମଣ୍ଡଳ, ପୁରନ୍ଦର ଦାସ, ପ୍ରମୋଦ ଦାସ, ପ୍ରହଲ୍ଲାଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମାନବ ସମାଜ ପାଇଁ ବନ୍ୟପ୍ରାଣୀ ତିଷ୍ଠି ରହିବାର ଆବଶ୍ୟକତା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଜଙ୍ଗଲମୟ ଥିବା ମହାକାଳପଡ଼ାର ଏହି ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟପ୍ରାଣୀ ଭର୍ତ୍ତି ହୋଇ ରହିଥିଲେ। ପରିବେଶ ସୁରକ୍ଷା ଦିଗରେ ବନ୍ୟପ୍ରାଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ଉପକୂଳବର୍ତ୍ତୀ ଏହି ଅଞ୍ଚଳରେ ଦିନକୁ ଦିନ ଜଙ୍ଗଲ କଟାଯାଇ ବସତି ସ୍ଥାପନ ଓ ଚାଷଜମିରେ ପରିଣତ ହେବାରୁ ଅନେକ ବନ୍ୟଜନ୍ତୁ ଓ ପ୍ରାଣୀ ଲୋପ ପାଇଲାଣି। ତେଣୁ ପୁନର୍ବାର ଜଙ୍ଗଲ ସୃଷ୍ଟି କରିପାରିଲେ ବନ୍ୟପ୍ରାଣୀଙ୍କ ବଂଶ ବୃଦ୍ଧି ପାଇପାରିବ ଓ ପରିବେଶ ସୁରକ୍ଷା ହୋଇପାରିବ ବୋଲି ଅତିଥିମାନେ ମତ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଲୁଣା ଜଙ୍ଗଲ ଓ ବନ୍ୟଜୀବ ସୁରକ୍ଷା ଉପରେ ନୃତ୍ୟଗୀତ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ■ ମାଙ୍କଡ଼ଙ୍କ ଉପଦ୍ରବ

## ଫସଲ ଉଜାଡ଼ି ଦେଉଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**କେନ୍ଦ୍ରାପଡ଼ା,୩।୩(ସମିସ):** ମାଙ୍କଡ଼ଙ୍କ ଉପଦ୍ରବ ଯୋଗୁଁ ଫସଲ ଉଜୁଡ଼ିଯାଉଥିବା ନେଇ ଚାଷୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶହ ଶହ ସଂଖ୍ୟାରେ ମାଙ୍କଡ଼ଙ୍କ ଉପଦ୍ରବ ହେତୁ ଚାଷଜମି ଓ ବାଡିବଗିଚାରେ ଫସଲ ସବୁ ଉଜୁଡି ଯାଉଥିବାରୁ ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ଏହାର ତୁରନ୍ତ ପ୍ରତିକାର କରାଯିବାକୁ ଦାବି କରିଛନ୍ତି।

ଏମିତିକି ଲୋକଙ୍କ ଘରେ ପଶିଯାଇ ଖାଦ୍ୟ ଓ ପନିପରିବା ପ୍ରଭୃତି ଖାଇ ନଷ୍ଟଭ୍ରଷ୍ଟ କରିଦେବା ସହ ଗ୍ରାମ ରାସ୍ତାରେ ପଲ ପଲ ମାଙ୍କଡ଼ ବସିରହି ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଛନ୍ତି। ଏଥିସହିତ ଲୋକଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିଦେଉଛନ୍ତି। ମାଙ୍କଡ଼ ଆକ୍ରମଣରେ ଗୁରୁତର ହୋଇ ପଞ୍ଚାୟତର ଅମ୍ବରା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ନୂଆଗାଁ ଓ ବଡ଼ମଙ୍ଗରାଜପୁର ଗ୍ରାମର ୪/୫ ଜଣ ବ୍ୟକ୍ତି ମାଙ୍କଡ଼ ଆକ୍ରମଣରେ ଖଣ୍ଡିଆଖାବରା ହୋଇ ଚିକିତ୍ସାଧୀନ ଅଛନ୍ତି। ମୁଗ ଓ ବିରି ଫସଲ ନଷ୍ଟ ହୋଇଯାଇଥିବାବେଳେ ଗୋବରୀ ନଦୀର ପାଳ ଜମିରେ ଯେଉଁଠାରେ ଆଳୁ, କଖାରୁ, ବିଲାତି, ବାଇଗଣ, ଜହ୍ନି, ଭେଣ୍ଡୀ, କଲରା ପ୍ରଭୃତି ଫଳୁଥିବା ଜମି ଆଜି ମାଙ୍କଡଙ୍କ ଉପଦ୍ରବ ଯୋଗୁଁ ପଡିଆ ପଡିଥିବା ଅଭିଯୋଗ ହୋଇଛି। ଏ ସବୁ ଫସଲ କରି ପରିବାର ପ୍ରତିପୋଷଣ କରୁଥିବା ଲୋକେ ହତାସ ହୋଇପଡିଛନ୍ତି । ଏ ସମ୍ପର୍କରେ ଚାଷୀମାନେ ବନ ବିଭାଗର ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଗୋଲଖ ଚନ୍ଦ୍ର ସାହୁ, କ୍ଷୀରୋଦ ଚନ୍ଦ୍ର ସାମଲ, ଅଲେଖ ଚନ୍ଦ୍ର ଦାସ, ବାନାମ୍ବର ଜେନା, ଅଭିମନ୍ୟୁ ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# କୃଷି ବିଜ୍ଞାନ କେନ୍ଦ୍ରରେ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର

**ଜଗତସିଂହପୁର / ତିର୍ତ୍ତୋଲ୍,୩।୩ (ସମିସ)**



ନିମକଣାସ୍ଥ କୃଷି ବିଜ୍ଞାନ କେନ୍ଦ୍ରରେ ଦୁଇଦିନିଆ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ମାର୍ଚ୍ଚ ପହିଲାରୁ ଆରମ୍ଭ ହୋଇ ୨ ତାରିଖରେ ଉଦଯାପିତ ହୋଇଥିବା ଏହି ଆଲୋଚନାଚକ୍ରରେ ଚାଷ ସମ୍ବନ୍ଧୀୟ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ ହୋଇଥିଲା। ଏହି ଦୁଇଦିନିଆ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ରରେ କୃଷି ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଯେଉଁଥିରେ ଚାଷରେ ହେଉଥିବା ବିଭିନ୍ନ ରୋଗପୋକ ଓ ଏହାର ଦୈନିକ ନିରାକରଣ ପଦ୍ଧତି, ମୃତ୍ତିକା ପରୀକ୍ଷାର ଗୁରୁତ୍ୱ ଓ ଏହାର ମାନ ଉନ୍ନତିର ପଦ୍ଧତି, ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ମହୁଚାଷ, ଜିଆଖତ ଚାଷ, ଛତୁଚାଷ, ପନିପରିବା ଚାଷ, ମାଛଚାଷ, ଉନ୍ନତ ମାନର ବିଭିନ୍ନ କୃଷି ଯନ୍ତ୍ରପାତି ଓ ପ୍ରାକୃତିକ କୃଷି ଆଦି ଦିଗ ଉପରେ ବିଶେଷ ଭାବେ ପର୍ଯ୍ୟାଲୋଚନା କରାଯାଇଥିଲା।

କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ ସେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୁଇଦିନିଆ କର୍ମଶାଳାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପାଖାପାଖି ୨୫ ଜଣ ଚାଷୀ ଯୋଗଦାନ କରିଥିଲେ। ଏହି କର୍ମଶାଳାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କାଜୁ ବିଭାଗର ମୁଖ୍ୟ ଡ. କବିତା ସେଠୀ, ମହୁମାଛି ପାଳନର ପ୍ରମୁଖ ପ୍ରବକ୍ତା ଅଶୋକ କୁମାର ଷଡଙ୍ଗୀ, ଓଏଲ୍‌ଏମ୍‌ର ଜିଲ୍ଲା ତାଲିମ୍ ପ୍ରଦାନକାରୀ ବସନ୍ତ ଦାସ, ଏଡିଓ, ତିର୍ତ୍ତୋଲ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କୃଷି ସମ୍ବନ୍ଧରେ ବହୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ରୋଗପୋକ ବୈଜ୍ଞାନିକ ଦେବାଶିଷ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଜୈବିକ ପ୍ରଣାଳୀରେ କିପରି ରୋଗପୋକକୁ ନିୟନ୍ତ୍ରଣ କରିହେବ, ସେ ସମ୍ବନ୍ଧରେ ବିଶେଷ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବିଭାଗର ବୈଜ୍ଞାନିକ ଡକ୍ଟର ପ୍ରଦୀପ୍ତ ମାଝୀ, କୃଷି ଯନ୍ତ୍ରପାତିର ବୈଜ୍ଞାନିକ ଡକ୍ଟର ଦ୍ୱାରିକା ମୋହନ ଦାସ, ଗୃହ ବିଜ୍ଞାନର ବୈଜ୍ଞାନିକ ସସ୍ମିତା ପୁରୋହିତ, ମତ୍ସ୍ୟ ବିଜ୍ଞାନ ସହାୟିକା ସରିତା ଦାସ, ଫାର୍ମ ମ୍ୟାନେଜର ରବୀନ୍ଦ୍ର ପ୍ରଧାନ, ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷାଗାରର ସହାୟିକା ବିଜୟନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

